# ପୋତି ହୋଇଗଲାଣି କୃଷ୍ଣପ୍ରସାଦ ଜେଟି

## ଲଞ୍ଚ୍ ଚଳାଚଳରେ ସମସ୍ୟାକୁ ନେଇ ଜନଅସନ୍ତୋଷ



କୃଷ୍ଣପ୍ରସାଦ,୭।୩(ସମିସ): ଗ୍ରୀଷ୍ମ ଋତୁ ପ୍ରଭାବରେ ଚିଲିକାର ଜଳରାଶି ଶୁଖିବାକୁ ଲାଗିଛି। କୃଷ୍ଣପ୍ରସାଦ ଜେଟିରେ ଗତ କିଛିଦିନ ହେଲା ଲଞ୍ଚଟି ଲାଗିପାରୁନି। ଫଳରେ ଲଞ୍ଚରେ ଯାତାୟାତ କରୁଥିବା ଜନସାଧାରଣ ବିଶେଷ କରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୃଷ୍ଣପ୍ରସାଦ ଜେଟି ନିକଟରେ ଚିଲିକାଟି ପଙ୍କରେ ପୋତି ହୋଇପଡ଼ିଛି। ପାଣି ଶୁଖିଯାଇଥିବା ବେଳେ କୂଳକୁ ଲଞ୍ଚ୍ ଆସିପାରୁ ନ ଥିବା ଜଣାପଡ଼ିଛି। ଏବେଠାରୁ ପାରମ୍ପରିକ ପର୍ବପର୍ବାଣି ଆରମ୍ଭ ହୋଇଯାଇଥିବାରୁ ଦୈନିକ ଶହଶହ ଜନସାଧାରଣ ଲଞ୍ଚରେ ଯାତାୟାତ କରୁଛନ୍ତି। ବିଶେଷ କରି ଛୋଟ ଛୋଟ ପିଲାମାନଙ୍କୁ ଧରି ଯାତ୍ରା କରୁଥିବା ମହିଳା ଯାତ୍ରୀମାନେ ବିପଦଶଙ୍କୁଳ ଅବସ୍ଥାରେ ଲଞ୍ଚରୁ ଓହ୍ଲାଇ ଯାତାୟାତ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ଜେଟି ନିକଟରୁ ଖନନ କରାଯାଇ ପଙ୍କ ବାହାର କରାଗଲେ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁରୁ ଆସୁଥିବା ଲଞ୍ଚଟି ସୁବିଧାରେ ଜେଟିରେ ଲାଗିପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ଓଡ଼ିଶା ବନ୍ଦର ଓ ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ କୃଷ୍ଣପ୍ରସାଦ ପଞ୍ଚାୟତ ସରପଞ୍ଚ ଇତିଶ୍ରୀ ସିଂହ, ବଡ଼ଅଁଳ ପଞ୍ଚାୟତ ସରପଞ୍ଚ ବୀଣାପାଣି ପ୍ରଧାନ, ଅଲଣ୍ଡା ପଞ୍ଚାୟତ ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ପୂର୍ବତନ ସରପଞ୍ଚ କୁମାର ସିଂହ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବାହୁବଳେନ୍ଦ୍ର, ବୋଇତ ବନ୍ଦାଣ କମିଟି ସଭାପତି ବାଉରୀବନ୍ଧୁ ଦଳେଇ, ସାମାଜିକ କର୍ମୀ ନାଲୁ ପାହାଣ, ରମେଶ ଚନ୍ଦ୍ର ବିଶ୍ୱାଳ, ଗୋପାଳ କୃଷ୍ଣ ପଲେଇ, ବିପିନ ନାୟକ, ଉମାକାନ୍ତ ନାୟକଙ୍କ ସମେତ କୃଷ୍ଣପ୍ରସାଦ ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରକାଶ ଥାଉକି, ଦୀର୍ଘ ବର୍ଷ ଧରି କୃଷ୍ଣପ୍ରସାଦ ଜେଟି ନିକଟରେ ପୁନରୁଦ୍ଧାର କରାଯାଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି।

## ଆଜିଠୁ ବ୍ରହ୍ମଗିରି ପଞ୍ଚୁଦୋଳ ମେଳଣ

ବ୍ରହ୍ମଗିରି,୭।୩(ସମିସ): ରବିବାରଠାରୁ ବ୍ରହ୍ମଗିରି ପଞ୍ଚୁଦୋଳ ମେଳଣ ଆରମ୍ଭ ହେବ। ଏହି ମେଳଣ ତିନିଦିନ ଧରି ଚାଲିବ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମେଳଣର ମୁଖ୍ୟ ଆକର୍ଷଣ ହେଉଛି ପଞ୍ଚୁପାଣ୍ଡବ ଓ ଭଗବାନ ବିଷ୍ଣୁଙ୍କ ମହାମିଳନର ଦୃଶ୍ୟ। ଏହି ମେଳଣରେ ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ପୁରୀ ସଦର ବ୍ଲକ୍‌ର ୧୦୮ ଦୋଳ ଆସିବା ସହ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଅନୁଷ୍ଠିତ ହେବ। ପଞ୍ଚୁପାଣ୍ଡବ ମେଳଣ ସହିତ ଗୋପୀନାଥ ଦେବଙ୍କ ମେଳଣ ଚୈତ୍ରପଞ୍ଚମୀ ତିଥିରୁ ସପ୍ତମୀ ତିଥି ପର୍ଯ୍ୟନ୍ତ ଚାଲିଥାଏ। ବିଭିନ୍ନ ପ୍ରଶାସନ ସହିତ ପାନୀୟ ଜଳ, ବିଦ୍ୟୁତ୍‌କରଣ, ଆଇନ ଶୃଙ୍ଖଳା ରକ୍ଷା ଉପରେ ମେଳଣ ଗ୍ରାମ କମିଟି ଗୁରୁତ୍ୱ ଦେଇଛି। ବିମାନକୁ ନେଇ ଆସୁଥିବା ଗ୍ରାମଗୁଡ଼ିକର ଲୋକଙ୍କୁ ସୁରକ୍ଷିତ ଭାବେ ରହିବା ଓ ଖାଇବାର ବ୍ୟବସ୍ଥା କରାଯିବା ପାଇଁ ପରିଚାଳନା କମିଟିର ସଭ୍ୟ ଗୁରୁତ୍ୱ ଦେଇଛନ୍ତି।

## ବଳଙ୍ଗା ଥାନାରେ ଆମ ପୁଲିସ କାର୍ଯ୍ୟକ୍ରମ




ବଳଙ୍ଗା,୭।୩(ସମିସ): ବଳଙ୍ଗା ଥାନା ପରିସରରେ ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରିଣୀ ସସ୍ମିତା ସାହୁଙ୍କ ସଭାପତିତ୍ୱରେ ସଭା ପରିଚାଳନା କରାଯାଇଥିବା ବେଳେ ମୁଖ୍ୟ ଅତିଥି ଭାବେ ପିପିଲି ଡିଏସ୍‌ପି ଦେବାଶିଷ ମିଶ୍ର ଯୋଗଦେଇଥିଲେ। ଜନସାଧାରଣଙ୍କ ପାଖକୁ ଯାଇ ସେମାନଙ୍କ ସୁବିଧା ଅସୁବିଧା ବୁଝିବା ସହ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଲୋକଙ୍କ ନିକଟତର ହୋଇ କାମ କରିବା ପାଇଁ କହିଥିଲେ। ଯେମିତି ଲୋକମାନେ ପୁଲିସର ନିକଟତର ହୋଇ ନିର୍ଭୟରେ କାର୍ଯ୍ୟ କରିପାରିବେ ଆମ ପୁଲିସ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ମିଶ୍ର କହିଛନ୍ତି। ବଳଙ୍ଗା ବଜାରରେ ଟ୍ରାଫିକ୍ ସମସ୍ୟା, ବେଆଇନ ନିଶା କାରବାର, ମନ୍ଦିର ଚୋରି ରୋକିବା ଦିଗରେ ପ୍ରାଥମିକତା ରହିବ ବୋଲି କହିବା ସହ ବଳଙ୍ଗା ଅଞ୍ଚଳର ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲେ। ଏସ୍‌ଆଇ ସସ୍ମିତା ବେହେରା, ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ସମେତ ଅଞ୍ଚଳର ସାମ୍ବାଦିକ, ସରପଞ୍ଚ, ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ଉପସ୍ଥିତ ରହି ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ।

## ରାସ୍ତାକଡ଼ରେ ଅପମିଶ୍ରଣ ଖାଦ୍ୟ ପଦାର୍ଥ ବିକ୍ରି

ନୟାହାଟ,୭।୩(ସମିସ): ନୟାହାଟରୁ ଯୋଗେଶ୍ୱରପୁର ମଧ୍ୟରେ ରାସ୍ତାକଡ଼ରେ ଉଠା ଦୋକାନୀମାନେ ପ୍ରତିଦିନ ଭୋର୍‌ରୁ ରାତି ୧୦ ପର୍ଯ୍ୟନ୍ତ ଲୋକମାନଙ୍କୁ ଟିଫିନ୍ ଦେବା ନାଁରେ ବାସି ଖାଦ୍ୟ ଦେଉଥିବା ଅଭିଯୋଗ ହେଉଛି। ନିମ୍ନମାନର ତେଲ, ବେସନ, ଅଟା, ମଇଦା, ସୁଜି, ଜିଲାପି ରଙ୍ଗରେ ଖାଦ୍ୟ ପ୍ରସ୍ତୁତ କରିବା ସହିତ ପୋଡ଼ା ତେଲରେ ଛଣାଛଣି କରୁଛନ୍ତି। ଫଳରେ ଲୋକମାନେ ଏହି ଖାଦ୍ୟକୁ ଖାଇ ବିଭିନ୍ନ ପେଟ ରୋଗର ଶିକାର ହେଉଛନ୍ତି। ଦୋକାନୀମାନେ ଲାଭବାନ ହେଉଥିବାବେଳେ ରୋଗର ଶିକାର ହେଉଥିବା ବ୍ୟକ୍ତି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପାଉଡର ମିଶ୍ରିତ ଛେନାରେ ସୁଜି ମିଶାଇ ଓ କେମିକାଲ ରଙ୍ଗ ଦିଆଯାଇ ବିଭିନ୍ନ ମିଠା ପ୍ରସ୍ତୁତ କରାଯାଇ ଗ୍ରାହକମାନଙ୍କୁ ବିକ୍ରି କରାଯାଇଥାଏ। ୭/୮ ଦିନର ବାସି ମିଠା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥିବାବେଳେ ଦୋକାନୀମାନେ ଏହି ସବୁ ଖାଦ୍ୟ ବିକ୍ରି କରୁଛନ୍ତି। କିନ୍ତୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ କରା ନ ଯିବା ଫଳରେ ଅପମିଶ୍ରଣ ବଢ଼ିଚାଲିଛି। ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଥିବାବେଳେ ଘର ଅପରିଷ୍କାର ଓ ପ୍ଲେଟ୍ ଗ୍ଲାସ୍ ଅପରିଷ୍କାର ସାଙ୍ଗକୁ ସିଉଳି ଲାଗିଥିବା ବୋତଲରେ ପାଣି ପିଇବା ପାଇଁ ଦିଆଯାଉଛି। ବଳିପଡୁଥିବା ଛଣା ଜିନିଷ, ଡାଲି, ତରକାରୀ ଫ୍ରିଜ୍‌ରେ ରଖି ପୁନର୍ବାର ଲୋକମାନଙ୍କୁ ଖାଇବାକୁ ଦିଆଯାଉଛି। ସେହିପରି ହୋଟେଲମାନଙ୍କରେ ବଳିପଡୁଥିବା ଖାଦ୍ୟକୁ ରଖି ପୁନର୍ବାର ଗରମ କରି ଲୋକଙ୍କୁ ଖାଇବାକୁ ଦିଆଯାଉଛି। ଏ ଦିଗରେ ସ୍ୱାସ୍ଥ୍ୟ ଓ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ଉ ପାଇଁ ସାଧାରଣରେ ଦାବି ହେଉଛି।

## ଶାଶ୍ୱତ ବିଦ୍ୟାନିକେତନର ନୂତନ ଗୃହ ଉଦ୍‌ଘାଟନ ଓ ବାର୍ଷିକ ଉତ୍ସବ



କଣାସ,୭।୩(ସମିସ): କଣାସ ବ୍ଲକ୍ ତ୍ରିଲୋଚନପୁର ଗ୍ରାମ ପଞ୍ଚାୟତର ଚାନ୍ଦପଡ଼ା ବଳାଜିତପୁରଠାରେ ପ୍ରତିଷ୍ଠିତ ଶାଶ୍ୱତ ବିଦ୍ୟାନିକେତନର ନବନିର୍ମିତ ଶ୍ରେଣୀ ଗୃହ ଉଦ୍‌ଘାଟନ ଓ ବାର୍ଷିକ ଉତ୍ସବ ଶେଖର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୂର୍ବତନ ସାଂସଦ ପ୍ରଶନ୍ନ ପାଟଶାଣୀ, ଜିଲ୍ଲା ପରିଷଦ ସଭ୍ୟ ଭୀମସେନ ପାଇକରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, ତ୍ରିଲୋଚନପୁର ସରପଞ୍ଚ ବିଜୟିନୀ ପାତ୍ର, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ସମାଜସେବୀ ବାବୁଲି ଦାସ, ରାଜକିଶୋର ମହାପାତ୍ର, ଶେଖର ବାରିକ, ପ୍ରଧାନଶିକ୍ଷକ ଦେବେନ୍ଦ୍ର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସର୍ବ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ନବ ନିର୍ମିତ ଶ୍ରେଣୀଗୃହକୁ ରିବନ କାଟି ଉଦ୍‌ଘାଟନ କରିଥିଲେ। ବାର୍ଷିକ ଉତ୍ସବ ସଭାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବଡ଼ାସ ଦଶଦୋଳ ପାଇଁ ପ୍ରସ୍ତୁତି ବୈଠକ



କଣାସ,୭।୩(ସମିସ): କଣାସ ବ୍ଲକ୍ ବଡ଼ାସ ପଞ୍ଚାୟତର ବଡ଼ାସ ଗ୍ରାମରେ ପ୍ରତିଷ୍ଠିତ ଅଞ୍ଚଳର ପ୍ରତ୍ୟକ୍ଷ ଠାକୁର ବାବା ବୈଦ୍ୟନାଥ ଦେବଙ୍କ ଦଶଦୋଳ ମେଳଣ ଆସନ୍ତା ୧୩ ତାରିଖରେ ଆୟୋଜିତ ହେବ। ଅତ୍ୟଧିକ ଜନସମାଗମ ହେବାର ଆଶଙ୍କା ରଖି କିପରି ଶାନ୍ତି ଶୃଙ୍ଖଳାର ସହିତ ମେଳଣ ପରିଚାଳନା କରାଯିବ ସେଥିପାଇଁ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ହାଡ଼ିବନ୍ଧୁ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କଣାସ ଥାନାଧିକାରୀ ଶୁଭେନ୍ଦୁ ମହାନ୍ତି, ଏସ୍‌ଆଇ ଦେବୀ ପ୍ରସାଦ ଲେଙ୍କା, ମେଳଣ କମିଟିର ଶୁଭଦତ୍ତ ଦାସ, ସନ୍ତୋଷ ପଟ୍ଟନାୟକ, ଅଜୟ ପଟ୍ଟନାୟକ, ଟିକନ ସାମନ୍ତରାୟ, ମାନଗୋବିନ୍ଦ ପରିଡ଼ା, ସାଧୁ ଚରଣ ପ୍ରଧାନ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଭକ୍ତ ସଂଖ୍ୟା ପ୍ରତିବର୍ଷ ମେଳଣରେ ଅତ୍ୟଧିକ ହେଉଥିବାରୁ କିପରି ଶାନ୍ତି ଶୃଙ୍ଖଳାର ସହିତ କରାଯିବ ବିଶେଷ ଭାବେ ଆଲୋଚନା କରାଯାଇଥିଲା। କଣାସ ପଟୁ ଓ କଖାରୁବସ୍ତ ପଟୁ ଆସୁଥିବା ଦୁଇ ଚକିଆ ଓ ଚାରି ଚକିଆ ଯାନକୁ ଦୂରରେ ରଖିବା ପାଇଁ ଆଲୋଚନା ହେବା ସହ ପାନୀୟ ଜଳ ବ୍ୟବସ୍ଥା ପାଇଁ ଟ୍ୟାଙ୍କର ଯୋଗେ ଜଳ ଯୋଗାଇବା ପାଇଁ ସଭାରେ ନିଷ୍ପତ୍ତି ହୋଇଥିଲା। ପୁଲିସ ଫୋର୍ସ ମୁତୟନ ସହିତ ଗ୍ରାମ୍ୟ କମିଟି କର୍ମକର୍ତ୍ତା ପୂର୍ଣ୍ଣ ସହଯୋଗ କରିବା ପାଇଁ କଣାସ ଥାନାଧିକାରୀ ଶ୍ରୀ ମହାନ୍ତି କମିଟି ସଦସ୍ୟଙ୍କୁ ନିବେଦନ କରିଥିଲେ।

## ପିପିଲି ବାଇପାସ୍ ରାସ୍ତାକଡ଼ରୁ ଝୁଲନ୍ତା ମୃତଦେହ ଉଦ୍ଧାର

ପିପିଲି,୭।୩(ସମିସ): ପିପିଲି ବାଇପାସ୍‌ଠାରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ତାଙ୍କ ବୟସ ୫୦ରୁ ଊର୍ଦ୍ଧ୍ୱ ହେବ ବୋଲି ପୁଲିସ କହିଛି। ପିପିଲି ୩୧୬ ନମ୍ବର ଜାତୀୟ ରାଜପଥ କଡ଼ ନାୟରା ପେଟ୍ରୋଲ ପମ୍ପ ନିକଟରେ ଏକ ଗଛରେ ମୃତଦେହଟି ଝୁଲି ରହିଥିବାବେଳେ ଅପରାହ୍ଣରେ ରାସ୍ତାରେ ଯାଉଥିବା କିଛି ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଏବଂ ମାଜିଷ୍ଟ୍ରେଟ୍ ତଥା ପିପିଲି ଅତିରିକ୍ତ ତହସିଲ୍‌ଦାର ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଜାରି ରଖିବା ସହ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛନ୍ତି। ଏନେଇ ପିପିଲି ଥାନା କେସ୍ ନମ୍ବର ୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଦେଖଣାହାରୀ ଏହାକୁ ହତ୍ୟା ବୋଲି ସନ୍ଦେହ କରୁଥିବାବେଳେ ଏହା ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ଝୁଲନ୍ତା ମୃତଦେହ ନିକଟରେ ଏକ ବ୍ୟାଗ୍ ରହିଥିବାବେଳେ ଏ ଲୋକ କେଉଁଠାର, ଏଠାକୁ କାହିଁକି ଆସିଥିଲେ, ତାହା ତଦନ୍ତ କରାଯାଉଛି ବୋଲି ପିପିଲି ଥାନାଧିକାରୀ ଶ୍ରୀ ତ୍ରିପାଠୀ କହିଛନ୍ତି।

## ୯.୫୦୦ କେଜି ଗଞ୍ଜେଇ ଜବତ; ୨ ଗିରଫ

ବ୍ରହ୍ମଗିରି,୭।୩(ସମିସ): ଶନିବାର ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅଧୀନ ବାଲିହରଚଣ୍ଡୀ ନିକଟରୁ ଦୁଇ ଜଣ ଚୋରା ଗଞ୍ଜେଇ ବେପାରୀ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ୯ କିଲୋ ୫୦୦ ଗ୍ରାମ ଗଞ୍ଜେଇ, ଗୋଟାଏ ମୋବାଇଲ୍ ଏବଂ ୧୭ ହଜାର ଟଙ୍କା ଜବତ କରାଯାଇଥିବା ବ୍ରହ୍ମଗିରି ଥାନା ଅଧିକାରୀ ବାମଦେବ ସ୍ୱାଇଁ ଜଣାଇଛନ୍ତି। ଶୁକ୍ରବାର ରାତିରେ ଦୁଇ ଜଣ ଗଞ୍ଜେଇ ବେପାରୀ ବ୍ରହ୍ମଗିରି ବାଇଶିବାଟି ଗ୍ରାମର ରବୀନ୍ଦ୍ର ମହାପାତ୍ର ଏବଂ ବେଣ୍ଟପୁର



ଗ୍ରାମ ବ୍ରାହ୍ମଣ ସାହିର ସନ୍ତୋଷ କୁମାର ମିଶ୍ର ଗଞ୍ଜେଇ ନେଇ ବେପାର କରିବା ପାଇଁ ଯାଉଥିବା ଖବର ପାଇ ବ୍ରହ୍ମଗିରି ପୁଲିସ ଚଢ଼ଉ କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଏଏସ୍‌ଆଇ ସାଗର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଚଢ଼ଉ କରିଥିଲେ। ଅଭିଯୁକ୍ତ ଦୁଇ ଜଣଙ୍କୁ କେସ୍ ନମ୍ବର ୧୦୮/୨୬ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିଲା। ସାକ୍ଷୀ ଏବଂ ଜବତ ସାମଗ୍ରୀକୁ ବିଚାରକୁ ନେଇ ମାଜିଷ୍ଟ୍ରେଟ ଜାମିନ ନାମଞ୍ଜୁର କରି ବିଚାର ବିଭାଗୀୟ କାରାଗାରକୁ ପଠାଯାଇଛି।

## ସିପିଆଇ ପୁରୀ ଜିଲ୍ଲା ପରିଷଦ ବୈଠକ




ନିମାପଡ଼ା,୭।୩(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପୁରୀ ଜିଲ୍ଲା ପରିଷଦ ବୈଠକ ନିମାପଡ଼ାଠାରେ ବରିଷ୍ଠ ନେତା ଦେବେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ ପୁରୀ ଜିଲ୍ଲାରେ ଚାଷୀ ଓ ଶ୍ରମିକଙ୍କ ସମସ୍ୟା ଉପରେ ଏକ ରିପୋର୍ଟ ଉପସ୍ଥାପିତ କରିଥିଲେ। ସିପିଆଇର ବରିଷ୍ଠ ନେତା ଆଶିଷ କାନୁନ୍‌ଗୋ ଜାତୀୟ ଓ ରାଜ୍ୟରେ ରାଜନୈତିକ ପରିସ୍ଥିତି ଉପରେ ଆଲୋଚନା କରି କହିଥିଲେ ଯେ ଆଜି ରାଜ୍ୟରେ ଧାନ ବିକ୍ରି କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ଓ କେନ୍ଦ୍ରର ଡବଲ ଇଞ୍ଜିନ ସରକାର ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛନ୍ତି। ଏହା ବିରୋଧରେ ବ୍ୟାପକ ଗଣଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ। ଜାତୀୟ ଯୁବ, ମହିଳାଙ୍କର ଜାତୀୟ ସମ୍ମିଳନୀ ଆସନ୍ତା ୧୬ ଓ ୧୭ ତାରିଖ ପୁରୀରେ ଅନୁଷ୍ଠିତ ହେଉଥିବାରୁ ଏହାକୁ ସଫଳ କରିବାକୁ ସ୍ଥିର କରାଯାଇଛି। ସଭ୍ୟପଦ ନବୀକରଣ, ପାର୍ଟି ପାଣ୍ଠି ସଂଗ୍ରହ, ପ୍ରତ୍ୟେକ ବ୍ଲକ୍‌ରେ ଜନ ସମସ୍ୟା ନେଇ ଆନ୍ଦୋଳନ କରିବାକୁ ବୈଠକରେ ସ୍ଥିର କରାଯାଇଛି। ବୈଠକରେ ପ୍ରଦୀପ୍ତ ମହାନ୍ତି, ବିପିନ ବିହାରୀ ରାଉତ, ମନୋରଞ୍ଜନ ପରିଡ଼ା, ଗୋଲଖ ନାୟକ, ପ୍ରଫୁଲ୍ଲ ଦାସ, ପ୍ରଫୁଲ୍ଲ ମହାପାତ୍ର, ସୁରେଶ ବିଶ୍ୱାଳ, ପ୍ରସନ୍ନ ଦାସ, ବନମାଳୀ ସାହୁ, ସୁରେନ୍ଦ୍ର ବାରିକ, ପ୍ରଫୁଲ୍ଲ ପରିଡ଼ା, ସହଦେବ ସାହୁଙ୍କ ସମେତ ରାଜ୍ୟ ଯୁବସଂଘ ସଭାପତି ସତ୍ୟ ରଞ୍ଜନ ମହାନ୍ତି ଓ ସମ୍ପାଦକ ବାମଦେବ ନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କଣାସ,୭।୩(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଅନ୍ତର୍ଗତ ଛୋଟିଯୋଡ଼ି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ପଟ୍ଟନାୟକଙ୍କୁ ଶନିବାର ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ପାହାଡ଼ସିଂହଙ୍କ ସଭାପତିତ୍ୱ ଓ ଶିକ୍ଷକ ସମନ୍ୱୟ ସମିତି ସମ୍ପାଦକ ସୁଶାନ୍ତ କୁମାର ନରେନ୍ଦ୍ରଙ୍କ ସଂଯୋଜନାରେ ଗଡ଼ସାନପୁଟ ଗ୍ରାମ ପଞ୍ଚାୟତର ସରପଞ୍ଚ ଶର୍ମିଷ୍ଠା ଛୁଆଳସିଂହ



ମୁଖ୍ୟ ଅତିଥି ଓ କଣାସ ସହ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା ମୁଖ୍ୟ ବକ୍ତା ରୂପେ ଏହି ଉତ୍ସବରେ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀ ସସ୍ମିତା ପଟ୍ଟନାୟକଙ୍କ କର୍ତ୍ତବ୍ୟନିଷ୍ଠା, ଛାତ୍ର ବତ୍ସଳତା ତଥା ସମୟାନୁବର୍ତ୍ତିତାର ପ୍ରଶଂସା କରିବା ସହ ଅନ୍ୟମାନେ ଏଥିରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମମତା ସାହୁ, ଭୂପତି ଭୂଷଣ ତ୍ରିପାଠୀ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରହଲ୍ଲାଦ ମାନସିଂହ, ଏନ୍‌ପିଏସ୍ ସଭାପତି ପ୍ରତାପ କେଶରୀ ଛୋଟରାୟ, ପ୍ରଧାନଶିକ୍ଷକ କାଶୀନାଥ ବେହେରା, ଅଞ୍ଜନ କୁମାର ରଣଜିତ୍ ସିଂହ, ସୁରେଖା ଦେଇ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଚିନ୍ତାମଣି ବୈରିଗଞ୍ଜନ, ବରିଷ୍ଠ ଶିକ୍ଷକ ରଞ୍ଜିତ୍ ଦାସ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବିଦ୍ୟାଳୟ, ଆଞ୍ଚଳିକ ସାଧନ କେନ୍ଦ୍ର, ଅଭିଭାବକ, ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଶ୍ରୀମତୀ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଉପଢ଼ୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ।

## ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନାହାନ୍ତି ବିଶେଷଜ୍ଞ ଡାକ୍ତର

କାକଟପୁର,୭।୩(ସମିସ): ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଘରେ ଘରେ ପହଞ୍ଚାଇବା ପାଇଁ ବଡ଼ ବଡ଼ ଦାବି କରୁଥିବାବେଳେ, ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ଦୀର୍ଘ ବର୍ଷ ଧରି ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଯୋଗୁଁ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ସ୍ତ୍ରୀ ଓ ପ୍ରସୂତି ରୋଗ, ଶିଶୁ ରୋଗ କିମ୍ବା ସର୍ଜରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସ୍ଥାୟୀ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଫଳରେ ଗର୍ଭବତୀ ମହିଳା ଓ ଶିଶୁଙ୍କୁ ସାମାନ୍ୟ ଚିକିତ୍ସା ପାଇଁ ବହୁ ଦୂରକୁ ଯିବାକୁ ପଡୁଛି। ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ଗୁରୁତର ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ତୁରନ୍ତ ଅନ୍ୟ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଦିଆଯାଉଛି। ଏପରିକି ଜରୁରୀକାଳୀନ ସମୟରେ ଡାକ୍ତର ନ ଥିବାରୁ ଅନେକ ସମୟରେ ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। 'ନାମକୁ ମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କିନ୍ତୁ ସେବା ମିଳୁଛି ପ୍ରାଥମିକ ଚିକିତ୍ସାଳୟ ଭଳି' ଏହା ହେଉଛି ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ। ବାରମ୍ବାର ପ୍ରଶାସନକୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି ଯେ, ସରକାର ତୁରନ୍ତ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ପଡ଼ିଥିବା ସମସ୍ତ ୪ ଜଣ ବିଶେଷଜ୍ଞ ଡାକ୍ତର ପଦ ପୂରଣ କରନ୍ତୁ ଏବଂ ଆବଶ୍ୟକୀୟ ଆଧୁନିକ ଯନ୍ତ୍ରପାତି ଯୋଗାଇଦିଅନ୍ତୁ।

**ଭଗବାନଙ୍କ ଭରସାରେ ସ୍ୱାସ୍ଥ୍ୟସେବା**

## ମା' ମଙ୍ଗଳାଙ୍କ ପାଳି ଯାତ ପାଇଁ ପ୍ରସ୍ତୁତି ବୈଠକ

କାକଟପୁର/ଗମ୍ଭାରୀପଦା,୭।୩(ସମିସ)



କାକଟପୁରର ପ୍ରସିଦ୍ଧ ମା' ମଙ୍ଗଳାଙ୍କ ଚୈତ୍ର ମାସ ପାଳି ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମଙ୍ଗଳା ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକରେ ମଙ୍ଗଳା ମନ୍ଦିର ଟ୍ରଷ୍ଟି ତଥା ସ୍ଥାନୀୟ ତହସିଲ୍‌ଦାର ଅଙ୍କିତା ଅନିନ୍ଦିତା, କାକଟପୁର ଥାନାଧିକାରୀ ବସନ୍ତ କୁମାର ସାହୁ, ଚମ୍ପାହାର ଅଗ୍ନିଶମ ଅଧିକାରୀ ବିଚିତ୍ର କୁମାର ଚୌଧୁରୀ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଜ୍ୟୋତିଶ୍ରୀ ସେନାପତି, କାକଟପୁର ଥାନା ଏଏସ୍‌ଆଇ ଜୟନ୍ତୀ ସାହୁ, ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା, ଉପସଭାପତି କମଳ ଲୋଚନ ଦୀକ୍ଷିତ, ଉପଦେଷ୍ଟା କମିଟି ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ, ମନ୍ଦିର ନୀତି ଆୟୋଗ ରବୀନ୍ଦ୍ର ଜେନା, ମନ୍ଦିର ପୁରୋହିତ ସୁରେଶ ଚନ୍ଦ୍ର ତ୍ରିପାଠୀ, ପୂଜାପଣ୍ଡା ଶରତ ଚନ୍ଦ୍ର ଦୀକ୍ଷିତ, ହେମନ୍ତ କୁମାର ପାଢ଼ୀଙ୍କ ସମେତ ସମସ୍ତ ସେବାୟତ, ପାଳିଆ ସେବକ, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଚୈତ୍ର ମଙ୍ଗଳବାରଗୁଡ଼ିକରେ ମା' ମଙ୍ଗଳା ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଉଥିବାବେଳେ ନେତ୍ରୋତ୍ସବ, ଶୃଙ୍ଖଳିତ ଦର୍ଶନ, ପରିମଳ ଓ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଟ୍ରଷ୍ଟି ଅଙ୍କିତା ଅନିନ୍ଦିତା ସୂଚନା ଦେଇଥିଲେ। ମାନସିକଧାରୀ ମହିଳାମାନେ ପାଣ୍ଡେଇ ଓଷା ପାଳନ କରୁଥିବାରୁ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ, ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ଏବଂ ଟ୍ରାଫିକ୍ ବ୍ୟବସ୍ଥା ଉପରେ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବ ବୋଲି ଥାନାଧିକାରୀ ଶ୍ରୀ ସାହୁ ପ୍ରକାଶ କରିଥିଲେ।

ପ୍ରତିବର୍ଷ ଭଳି ଚୈତ୍ର ମାସର ପ୍ରଥମ ମଙ୍ଗଳବାରଠାରୁ ପଞ୍ଚମ ମଙ୍ଗଳବାର ପର୍ଯ୍ୟନ୍ତ ମା'ଙ୍କର ପାଳିଯାତ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ମାର୍ଚ୍ଚ ୧୦ ତାରିଖରେ ପ୍ରଥମ ପାଳିଯାତ ପଡୁଥିବାରୁ ମନ୍ଦିରରେ ଭକ୍ତମାନଙ୍କ ବ୍ୟାପକ ଭିଡ଼ ହେବାର ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ବୈଠକରେ ପାଳିଯାତ ସମୟରେ ସୁରକ୍ଷା ବ୍ୟବସ୍ଥା କଠୋର କରିବା, ଯାତାୟାତ ନିୟନ୍ତ୍ରଣ, ପାନୀୟ ଜଳ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା ଏବଂ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ପାଳିଯାତ ସମୟରେ ଭକ୍ତମାନଙ୍କୁ ସୁଚାରୁ ଭାବେ ଦର୍ଶନ ସୁବିଧା ଦେବା ପାଇଁ ପ୍ରଶାସନ, ମନ୍ଦିର ପ୍ରଶାସନ ଓ ସେବାୟତମାନେ ସମନ୍ୱୟ ରଖି କାମ କରିବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପାଳିଯାତ ଅବସରରେ ମନ୍ଦିରକୁ ଆସୁଥିବା ଭକ୍ତମାନେ ଶୃଙ୍ଖଳା ରକ୍ଷା କରି ପୂଜା ଓ ଦର୍ଶନ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ସତ୍ୟବାଦୀରେ ଆମ ପୁଲିସ କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୭।୩(ସମିସ): ସତ୍ୟବାଦୀ ଥାନା ଅନ୍ତର୍ଗତ ଆଲିଶ ପଞ୍ଚାୟତ କାର୍ଯ୍ୟାଳୟରେ ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ଅତିରିକ୍ତ ଏସ୍‌ପି ସଚିନ ପଟେଲ ଅଧ୍ୟକ୍ଷତା କରିଥିଲେ। ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିକ, ସରପଞ୍ଚ ସୁରଥ ଚନ୍ଦ୍ର ସେଠୀ, ପୂର୍ବତନ ସରପଞ୍ଚ ଶ୍ରୀଧର ବିଶ୍ୱାଳ, ୱାର୍ଡ ସଭ୍ୟ ବିକ୍ରମ ମଲ୍ଲିକ, ଗ୍ରାମବାସୀ ପ୍ରତାପ ପ୍ରଧାନ, ଗୁଣ୍ଡିଚା ପାଢ଼ୀଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହ ପରସ୍ପର ନିକଟତର ହୋଇ ସମସ୍ତ କାର୍ଯ୍ୟ କରିବା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ଜନସାଧାରଣଙ୍କ ମନରେ ପୁଲିସ ପ୍ରତି ଭୟ ଦୂର କରିବା ସହିତ ଯୁବ ସମାଜକୁ ନିଶାରୁ ଦୂରେଇ ରଖିବା, ଚୋରା ନିଶା ବେପାରୀଙ୍କୁ ପ୍ରଶ୍ରୟ ନ ଦେବା, ଅଭିଯୋଗକାରୀଙ୍କୁ ଥାନା ପକ୍ଷରୁ ଉତ୍ତମ ବ୍ୟବହାର ଦେଖାଇବା, ଅପରାଧୀଙ୍କୁ ଦୃଢ଼ ହସ୍ତରେ ଦମନ କରାଯିବା ସହ ପୁଲିସ ପକ୍ଷରୁ ଜିରୋ ଟଲେରାନ୍ସ ଅର୍ଥାତ୍ ଶୂନ୍ୟ ସହନଶୀଳତା କ୍ରାଇମ୍ ନୀତିକୁ ଆଧାର କରି ଅଞ୍ଚଳବାସୀଙ୍କୁ ଶାନ୍ତି ଓ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା।

## ନାହିଁ ନାହିଁରେ ସରିଲା ଦିଶା ବୈଠକ

# ବୃତ୍ତଙ୍ଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ କାରଣଦର୍ଶାଅ ନୋଟିସ୍

ନୟାଗଡ଼,୭ ।୩(ସମିସ)




ନୟାଗଡ଼ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକ ସୃଜନ ସଭା ଗୃହରେ ଅନୁଷ୍ଠିତ ହୋଇଛି। କମିଟି ଅଧକ୍ଷ ତଥା କଟକ ସାଂସଦ ଭର୍ତ୍ତୃହରି ମହତାବ ବୈଠକରେ ଅଧକ୍ଷତା କରିଥିବା ବେଳେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଉପାଧକ୍ଷା ବିଷ୍ଣୁପ୍ରିୟା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ବୈଠକରେ ଉପସ୍ଥିତ ରହିଥିଲେ। ପୁରୀ ସାଂସଦ ବୈଠକ ସମ୍ପର୍କରେ ଅବଗତ ନଥିବା ନେଇ ଦିଶା ଅଧକ୍ଷ ଶ୍ରୀଯୁକ୍ତ ମହତାବ କହିଥିଲେ। ଉକ୍ତ ବୈଠକରେ ଆଜି ଜିଲ୍ଲାର ୩ ଜଣ ବିଧାୟକ ଅନୁପସ୍ଥିତ ରହିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ମଧ ବୈଠକରେ ଅନୁପସ୍ଥିତ ରହିଥିଲେ। ବିଦ୍ୟୁତ୍ ଡିଭିଜନ ଖୋର୍ଦ୍ଧା ଓ ବାଲୁଗାଁ ଅଧିକ୍ଷଣ ଯନ୍ତ୍ରୀ ଅନୁପସ୍ଥିତ ଥିବା ବେଳେ ଖୋର୍ଦ୍ଧା ବନଖଣ୍ଡରୁ କୌଣସି ଅଧିକାରୀ ବୈଠକକୁ ଆସିନଥିଲେ। ଏହା ବାଦ ହାତ ଗଣତି ଅଧିକାରୀଙ୍କୁ ଛାଡ଼ି ଅନେକ ଅନୁପସ୍ଥିତ ରହିଥିଲେ। ବୈଠକରେ ଗଣିଆ ବ୍ଲକ ଅଧକ୍ଷାଙ୍କ ବ୍ୟତିତ ଅନ୍ୟ କୌଣସି ଅଧକ୍ଷ ଉପସ୍ଥିତ ନଥିବା ଦେଖାଯାଇଥିଲା। ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ଉପରେ ଆଲୋଚନା ହେବାକୁ ଥିବା ବେଳେ ଅଧିକ୍ଷଣ ଯନ୍ତ୍ରୀ ଅନୁପସ୍ଥିତ ରହିବାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଅଧିକ୍ଷଣ ଯନ୍ତ୍ରୀଙ୍କୁ ଜିଲ୍ଲାପାଳ କାରଣ ଦର୍ଶାଅ ନୋଟିସ ଜାରି କରିବାକୁ କହିଥିଲେ। ବୈଠକରେ ପ୍ରଥମେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଉପରେ ଆଲୋଚନା ହୋଇଥିଲା। ୨୦୨୪-୨୫ ମସିହାରେ ୩୧ ହଜାର ୮୬୨ ଜଣ ବୀମା କରିଥିବା ବେଳେ ବୀମା କମ୍ପାନୀ ୧୨ କୋଟି ୪୦ ଲକ୍ଷ ଟଙ୍କା ପ୍ରିମିୟମ ପାଇଥିବା ଜଣାପଡ଼ିଥିଲା। ୨୦୨୪-୨୫ ମସିହାରେ ୧୦ ହଜାର ୮୬୧ ଜଣ ଚାଷୀଙ୍କୁ ଫସଲ

**● ଜିଆର୍‌ଏସ୍ ପୋଷ୍ଟିଂ ଉପରେ ରୋକ୍**

**● ଏପିଓଙ୍କ କଥା ଶୁଣୁନାହାନ୍ତି ଏଡିଇଓ**

କ୍ଷତିପୂରଣ ବାବଦରେ କମ୍ପାନୀ ୪ କୋଟି ୮୬ ଲକ୍ଷ ଟଙ୍କା ପ୍ରଦାନ କରିଥିବା ସୂଚନା ଦେଇଥିଲେ। ୨୦୨୫-୨୬ ମସିହାରେ ଫସଲ ବୀମା କ୍ଷତିପୂରଣ କୌଣସି ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇନଥିବାରୁ ଉପସ୍ଥିତ ଜନପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସୂର୍ଯ୍ୟଘର ଯୋଜନାରେ ଜିଲ୍ଲାରେ ୪ ହଜାର ୭ ଜଣ ହିତାଧିକାରୀ ଆବେଦନ କରିଥିବା ଟିପିସିଓଡିଏଲ୍ ଅଧିକ୍ଷଣ ଯନ୍ତ୍ରୀ ସୂଚନା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୯୨୨ ଜଣ ଭେଣ୍ଡର ଚୟନ କରିଥିବା ଏବଂ ୬୯୭ ଜଣ ହିତାଧିକାରୀଙ୍କୁ ସବସିଡ୍ ମିଳିଥିବା କହିଥିଲେ। ଓରେ?। ପକ୍ଷରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସୋଲାର ମାଧ୍ୟମରେ ବିଦ୍ୟୁତ୍ ଯୋଗାଣ ଚାଲିଥିବା ନେଇ ସୂଚନା ଦିଆଯାଇଥିଲା। ନୟାଗଡ଼ ଜିଲ୍ଲାର ୩ଟି ବିଦ୍ୟାଳୟରେ ପ୍ରାଥମିକ ପର୍ଯ୍ୟାୟରେ ସୋଲାର ପ୍ରକଳ୍ପ ଦ୍ୱାରା ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ବୈଠକରେ ମନରେଗା ତଥା ଜି ରାମ ଜିବେଯାଜନା ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ଜିଆର୍‌ଏସ୍ ପଦବୀ ପୂରଣ ହେଉନଥିବାରୁ ଜିଲ୍ଲା ପରିଷଦ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ସରକାର ନୂତନ ପଦବୀରେ ନିଯୁକ୍ତି ଉପରେ ରୋକ ଲଗାଇଥିବା ସିଡିଓ ସୂଚନା ଦେଇଥିଲେ। ବିଭିନ୍ନ ପଞ୍ଚାୟତ ଜିଆର୍‌ଏସ୍ମାନେ ପଦୋନ୍ନତୀ ପାଇ ଏଡିଇଓ ହେବା ପରେ ଏପିଓଙ୍କ କଥାକୁ ଖାତିର କରୁନଥିବା ସିଡିଓ କହିଥିଲେ। ଏହାକୁ ନେଇ ଏକ ନିର୍ଦ୍ଦେଶନାମା ଜାରି କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ଲକ୍ଷପତି ଦିଦି ପୂର୍ବ ବର୍ଷର ୬୧ ହଜାର ୪ ଜଣ ଏବଂ ଏ ବର୍ଷର ୩୦ ହଜାର ମୋଟ ୯୧ ହଜାର ୪ ଜଣ ଟାର୍ଗେଟରେ ଥିବା ବେଳେ ୮୫ ହଜାର ୧୪୭ ଜଣ ଲକ୍ଷପତି ଦିଦି ସୃଷ୍ଟି ହୋଇ ପାରିଥିବା ସୂଚନା ମିଳିଥିଲା। ପାନୀୟ ଜଳ ପ୍ରକଳ୍ପ ତଥା ମେଗା ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା। ମେଗା ପ୍ରକଳ୍ପକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଥିବା ନେଇ ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ। ୨୦୨୬ ମସିହା ଡିସେମ୍ବର ସୁଦ୍ଧା ସମସ୍ତ ଗ୍ରାମକୁ ପାଣି ଯୋଗାଇ ଦିଆଯିବା ଉପରେ ଆରଡବ୍ଲ୍ୟୁଏସଏସ ଅଧିକ୍ଷଣ ଯନ୍ତ୍ରୀ ସୂଚନା ଦେଇଥିଲେ। ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ଉପରେ ସ୍ୱତନ୍ତ୍ର ସମୀକ୍ଷା କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହା ସହିତ ବିଦ୍ୟୁତ୍ ବିଭାଗ ନୟାଗଡ଼ ଡିଭିଜନ ଅଧିନରେ ଥିବା ବୋଲଗ? ବ୍ଲକର ୮ ପଞ୍ଚାୟତ ଖୋର୍ଦ୍ଧା ଡିଭିଜନକୁ ଏବଂ ସୁନାଖଳା ନିକଟର୍ତ୍ତୀ ୫ ପଞ୍ଚାୟତ ଖୋର୍ଦ୍ଧାରୁ ନୟାଗଡ଼ ଡିଭିଜନକୁ ଅଣାଯିବା ଉପରେ ଜିଲ୍ଲା ପରିଷଦ ଅଧକ୍ଷ ଗୁରୁତ୍ୱ ରହିଥିଲେ। ଏନେଇ ରାଜ୍ୟ ସରକାରଙ୍କୁ ଅବଗତ କରିବାକୁ ଜିଲ୍ଲାପାଳ ପ୍ରତିଶୃତି ଦେଇଛନ୍ତି।

## ହରିପୁର ଗାଁରେ ରାଜନୈତିକ ହିଂସା

**● ଏକାଧିକ ଆହତ, ୨ ମାମଲା, ୩ ଗିରଫ**

ନୟାଗଡ଼,୭ ।୩(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ହରିପୁର ଗାଁରେ ଶୁକ୍ରବାର ରାତିରେ ଏକ ବିବାହ କାର୍ଯ୍ୟ ଏବଂ ଶୁଦ୍ଧକ୍ରିୟା କାର୍ଯ୍ୟ ଚାଲିଥିଲା। ବିବାହ ବରଯାତ୍ରୀ ଯିବା ସମୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ପୂର୍ବରୁ ରହିଥିବା ରାଜନୈତିକ ବିବାଦକୁ ନେଇ ଘଟଣା ଉଗ୍ରରୂପ ଧାରଣ କରିଥିଲା। ବିଜେପି ସମର୍ଥିତ ବ୍ୟକ୍ତି ବିଜେଡି ସମର୍ଥିତ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲେ। ପରେ ପୁଲିସ ଗାଁରେ ପହଞ୍ଚି ବୁଝାଶୁଝା କରିଥିଲା। ଶନିବାର ସକାଳୁ ଜୈନିକ ବିଜେପି ନେତାଙ୍କ ପୁଅ ଗଣ୍ଡଗୋଳ ଘଟିବାକୁ ଆହୁରି ବ?ାଇ ଦେଇଥିଲେ। ସେ ଆକ୍ରମଣ କରିବାକୁ ନେଇ ଗାଁରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହାକୁ ନେଇ ଇଟାମାଟି ଥାନାରେ ଉକ୍ତ ଗ୍ରାମର ରମେଶ ପ୍ରଧାନ ପ୍ରଥମେ ଏତଲା ଦେଇଥିଲେ। ପରେ ପ୍ରହ୍ଲାଦ ପଲେଇ ଥାନାକୁ ଯାଇ ଏତଲା ଦେଇଥିଲେ। ଉଭୟ ଏତଲା ଆଧାରରେ ପୁଲିସ ୨ଟି ମାମଲା ରୁଜୁ କରିଛି। ଏହି ଆକ୍ରମଣ ଓ ପ୍ରତି ଆକ୍ରମଣରେ ସଂଖ୍ୟାଧିକ ବ୍ୟକ୍ତି ଆହତ ହୋଇଥିବା ବେଳେ ଡାକ୍ତରଖାନାରେ ଦୁଇଜଣ ଚିକିତ୍ସିତ ହୋଇ ମେଡିକାଲ ରିପୋର୍ଟ ପୁଲିସ ନିକଟରେ ଦାଖଲ କରିଛନ୍ତି। ରମେଶଙ୍କ ଅଭିଯୋଗ ଆଧାରରେ ଲିଙ୍ଗରାଜ ପାତ୍ର ଏବଂ ସୁଶାନ୍ତ ନାୟକଙ୍କୁ ପୁଲିସ ଗିରଫ କରିଥିବା ବେଳେ ପ୍ରହ୍ଲାଦଙ୍କ ଅଭିଯୋଗ କ୍ରମେ ଅଜିତ କୁମାର ପ୍ରଧାନଙ୍କୁ ପୁଲିସ ଗିରଫ କରାଯାଇଥିବା ଇଟାମାଟି ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି। ଗାଁରେ ଏବେ ବି ଉତ୍ତେଜନା ପରିସ୍ଥିତି ଲାଗି ରହିଛି। ଶାନ୍ତି ରକ୍ଷା ପାଇଁ ପୁଲିସ ମୁତୟନ କରାଯାଇଛି।

## ପାଣିରେ ବୁଡ଼ି ଯୁବକ ମୃତ

ଭାପୁର,୭ ।୩(ସମିସ): ଜଣେ ଯୁବକ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରି ପୋଖରୀରେ ଧୋଇ ହେବା ସମୟରେ ଅସାବଧାନତା ବଶତଃ ପାଣିରେ ବୁଡି ମୃତ୍ୟୁ ହୋଇଯାଇଛି। ଫତେଗଡ ଥାନା କଇଁପୁଲିଆ ଗ୍ରାମ ଉପର ସାହିର ଆର୍ତ୍ତବନ୍ଧୁ ସାହୁଙ୍କ ବଡପୁଅ ଆନନ୍ଦଚନ୍ଦ୍ର ସାହୁ ଶନିବାର ସକାଳ ସମୟରେ ଗାଁ ମହାଦେବଙ୍କ ମନ୍ଦିରକୁ ଯାଇଥିଲେ। ମନ୍ଦିର ନିକଟ ପୋଖରୀରେ ଗାଧୋଇବା ପରେ ଆଳେଶ୍ୱର ଦେବ ଠାକୁରଙ୍କ ଦର୍ଶନ କରିବା ପରେ ପାଦୁକ ପାଇଥିଲେ। ପାଦୁକ ହାତ ଧୋଇବା ପାଇଁ ମନ୍ଦିର ନିକଟ ବଡବଗ ପୋଖରୀକୁ ଯାଇଥିଲା ବେଳେ ଅସାବଧାନତା ବଶତଃ ଗୋଡ ଖସି ପାଣିରେ ବୁଡି ମୃତ୍ୟୁ ହୋଇଥିଲା। ତାଙ୍କୁ ଭାପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖଣ୍ଡପଡ଼ା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ଅପରାହ୍ନରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନଭାଇ ଆଶିଷ ମୁଖାଗ୍ନି ଦେଇଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ରଣପୁର,୭ ।୩(ସମିସ): ବୁଧବାର ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ୨୨ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ରଣପୁର ବ୍ଲକ ବିଲଗାଡ଼ିଆ ଗ୍ରାମର ଶରତ ପଟ୍ଟନାୟକଙ୍କ ପୁଅ ଆଶୀର୍ବାଦ ପଟ୍ଟନାୟକ। ବୁଧବାର ରାତି ପ୍ରାୟ ସାଢ଼େ ୧୧ଟାରେ ଆଶୀର୍ବାଦ ଜଣେ ବ୍ୟକ୍ତିଙ୍କ ବାଇକ୍ ପଛରେ ବସି ରଣପୁରରୁ ନିଜ ଗାଁ ବିଲଗାଡ଼ିଆକୁ ଫେରୁଥିବା ବେଳେ ଶଙ୍ଖମୂଳ ନିକଟରେ ଥିବା କଟକଟି ଶଙ୍ଖରେ ଗାଡ଼ି ମୋରମ ଗଦା ଉପରେ ଛଡ଼ି ଯାଇଥିଲା। ଫଳରେ ଗାଡ଼ି ପଛରେ ବସିଥିବା ଆଶୀର୍ବାଦ ଛିଟିକି ପଡ଼ିଥିଲେ। ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ରଣପୁର ଡାକ୍ତରଖାନା ଆଣିଥିଲେ। ପରେ ତାଙ୍କ ମୃତ୍ୟୁ ହୋଇଛି।

## ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତା

ଓଡ଼ଗାଁ,୭ ।୩(ସମିସ): ନୟାଗଡ଼ ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତା ଓଡ଼ଗାଁ ମିନି ଷ୍ଟାଡିୟମ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅନ୍ତିମ ପର୍ଯ୍ୟାୟରେ ରଘୁନାଥ କବାଡ଼ି ଏକାଡେମୀ ସହିତ କବାଡ଼ି ୱାରିୟର ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରଘୁନାଥ କବାଡ଼ି ଏକାଡେମୀ ବିଜୟ ହାସଲ କରି ଚମ୍ପିୟାନ ଆଖ୍ୟା ହାସଲ କରିଥିଲେ। ଓଡ଼ଗାଁ ପ୍ରଖଣ୍ଡ ସଞ୍ଜୋଜକ ମାନସ ରଞ୍ଜନ ସାହୁ, ଖୋର୍ଦ୍ଧା ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା ବିକ୍ରମ ସାହୁ, ଓଡ଼ଗାଁ ପ୍ରଖଣ୍ଡ ସହ ସଞ୍ଜୋଜକ ସତ୍ୟଜିତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍ୱଙ୍ଗ ବିଶ୍ୱଜିତ ସାହୁ ଏବଂ ଦେବିପ୍ରସାଦ ମ୍ୟାଚ୍ ପରିଚାଳନା କରିଥିଲେ। ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ

ନୟାଗଡ଼,୭ ।୩(ସମିସ): ନୟାଗଡ଼ ଜିଲ୍ଲା ଇନଡୋର ଷ୍ଟାଡିୟମଠାରେ ଆନ୍ତର୍ଜାତୀୟ ମହିଳା ଦିବସ ଦ୍?ିତୀୟ ଦିବସରେ ସାଂସଦ କନ୍ଧମାଳ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ କର କମଳରେ ଉଦଘାଟନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଜିଲ୍ଲାପାଳ ମଧୁମିତା ରଥ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସାଂସଦ ଉପସ୍ଥିତ ସମସ୍ତ ଛାତ୍ରୀ ମହିଳାଙ୍କୁ ଉଦବୋଧନ ଦେଇ ମା'ମାନଙ୍କ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା କ୍ରୀଡା ଅଧିକାରୀ ସୁଜାତା କୁମାରୀ ସାହୁ



ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲାପାଳ ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର ଉପରେ ବକ୍ତବ୍ୟ ରଖିଥିଲେ। ରିଶୋର୍ସ ପର୍ସନ ମିନତୀ ମାଝୀ ସ୍ୱାସ୍ଥ୍ୟ ଉପରେ ଏବଂ କ୍ରିଷ୍ଣା କୁମାରୀ ମିଶ୍ର କ୍ୟାରିୟର ଉପରେ ବୁଝାଇଥିଲେ। ନୟାଗଡ଼ ଜିଲ୍ଲାର ବିଭିନ୍ନ କ୍ଲବରୁ ଆସିଥିବା ମହିଳା, ଛାତ୍ରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ ଏବଂ ସଭା ସାଙ୍ଗ କରାଯାଇଥିଲା।

**● ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା**

## ୩ ବସ୍‌ରେ ୯୮ ବରିଷ୍ଠ ନାଗରିକଙ୍କ ପୁରୀ ଗସ୍ତ

ନୟାଗଡ଼,୭ ।୩(ସମିସ): ମୁଖ୍ୟମନ୍ତ୍ରୀଙ୍କର ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଅବସରରେ ନୟାଗଡ଼ ଜିଲ୍ଲାର ୮ ଗୋଟି ବ୍ଲକରୁ ମୋଟ ୯୮ ଜଣ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ୩ଟି ବସ ଯୋଗେ ସମସ୍ତେ ଯାତ୍ରା କରିଛନ୍ତି। କେବଳ



ବରିଷ୍ଠ ନାଗରିକ ଏବଂ ବିଧବା ଭତ୍ତା ପାଉଥିବା ଉପଭୋକ୍ତା ଏଥିରେ ସାମିଲ ହୋଇଥିଲେ। ପ୍ରଥମ ଦଫାରେ ଯେଉଁମାନେ ଯାଇ ପାରି ନାହାନ୍ତି ଦ୍?ିତୀୟ ଥରରେ ସେମାନଙ୍କୁ ଅଗ୍ରାଧିକାର ଦିଆ ଯିବାକୁ ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମକୁ କନ୍ଧମାଳ ସାଂସଦ କନ୍ଧମାଳ ସୁକାନ୍ତ କୁମାର ପାଣିଗ୍ରାହୀ ଉଦଘାଟନ କରିଛନ୍ତି। ତାଙ୍କ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଓଡିଶା ରାଜ୍ୟ ସଡକ ପରିବହନ ନିଗମର ପରିଚାଳକ ବିଭୁ ପ୍ରସାଦ ତ୍ରିପାଠୀ ଉପସ୍ଥିତ ରହିଥିଲେ। ପ୍ରାରମ୍ଭରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସତ୍ୟଭାମା ବେହେରା ସ୍ୱାଗତ ଭାଷଣ ରଖିଥିଲେ। ମାନ୍ୟବର ସାଂସଦ କନ୍ଧମାଳ, ଜଗନ୍ନାଥଙ୍କ ଆଦିପୀଠ ନୟାଗଡ଼ କହି ଜଗନ୍ନାଥ ଦର୍ଶନରେ ଯାଉଥିବା ତୀର୍ଥଯାତ୍ରୀ ମାନଙ୍କୁ ଯାତ୍ରାର ଶୁଭ ମନାସିଥିଲେ। ଜିଲ୍ଲାପାଳ ତୀର୍ଥ ଯାତ୍ରୀଙ୍କର ଯାତ୍ରାରେ ଶୃଙ୍ଖଳାଗତ ଭାବେ ପରିଦର୍ଶନ କରି ଫେରିବାକୁ ବୁଝାଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୦ରୁ କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ସମାରୋହ

ଖଣ୍ଡପଡ଼ା,୭ ।୩(ସମିସ): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆସନ୍ତା ୧୦ ରୁ ୧୩ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଖଣ୍ଡପଡ଼ା ସହରର ବାଇପାସ ରାସ୍ତା ପାଶ୍ୱର୍ସ୍ଥିତ ଭଲିବଲ କ୍ରୀଡାଙ୍ଗନ ଓ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଖଣ୍ଡପଡ଼ା ବ୍ଲକ କ୍ଲଷ୍ଟରସ୍ତରୀୟ କ୍ରୀଡା ସମାରୋହ ଆରମ୍ଭ ହେବ। ପଠାଣି ସାମନ୍ତ ପୂଜ୍ୟପୂଜା ଅନୁଷ୍ଠାନ ସହଯୋଗରେ ଆୟୋଜିତ ହେବାକୁ ଯାଉଥିବା ଏହି କ୍ରୀଡା ସମାରୋହକୁ ସଫଳ କରିବା ପାଇଁ ଯୁବ ସଂଗଠକ ତଥା ପୂଜ୍ୟପୂଜା ପରିଷଦର ମୁଖ୍ୟ ମହେନ୍ଦ୍ର କୁମାର ବାରିକଙ୍କ ଅଧକ୍ଷତାରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଖଣ୍ଡପଡ଼ା ବ୍ଲକ ସ୍ତରରୁ ଉଦୀୟମାନ କ୍ରୀଡାବିତମାନେ ଆୟୋଜିତ କ୍ରୀଡା ସମାରୋହରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି। କ୍ରୀଡା ସମାରୋହ ପରିଚାଳନାରେ ଖଣ୍ଡପଡ଼ା ସହରର ସ୍ୱେଚ୍ଛାସେବୀମାନେ ସକ୍ରୀୟ ସହଯୋଗ କରିବେ ବୋଲି ସୂଚନା ରହିଛି।

**● ଶ୍ରୀରାମ ନବମୀ ଯାତ୍ରା ପ୍ରସ୍ତୁତି ବୈଠକ**

## ଆମିଷ ବିକ୍ରି ନିଷେଧ, ଟ୍ରାଫିକ ନିୟନ୍ତ୍ରଣକୁ ଗୁରୁତ୍ୱ



ଓଡ଼ଗାଁ,୭ ।୩(ସମିସ): ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ପବିତ୍ର ଶ୍ରୀରାମ ନବମୀ ଯାତ୍ରା ଓ ନବଦିନାତ୍ମକ ସନ୍ଧ୍ୟାବେଶ ପାଇଁ ପ୍ରସ୍ତୁତି ବୈଠକ ଶନିବାର ସ୍ଥାନୀୟ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି। ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ, ବିଡିଓ ପ୍ରୀତିବାଳା ରଣା, ଓଡ଼ଗାଁ ଆଦର୍ଶ ଥାନା ଅଧିକାରୀ ସତ୍ୟନାରାୟଣ ବାରିକ, ଗୋଷ୍ଠୀ ଚିକିତ୍ସାଧିକାରୀ ଡା. ନୀଳାଞ୍ଜନ ଦାସ ଏବଂ ନୟାଗଡ଼ ଜିଲ୍ଲା ଦେବୋତ୍ତର ମ୍ୟାନେଜର ତାପସ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସେବକ ସୁଆର ପରିଷଦ, ପୂଜକ ପରିଷଦ ଓ ଓଡ଼ଗାଁର ବିଭିନ୍ନ ୱାଡର ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରି ଯାତ୍ରା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦିଆଯାଇଥିଲା। ଚଳିତ ବର୍ଷ ମାର୍ଚ୍ଚ ୨୭ ତାରିଖ ଶୁକ୍ରବାରଠାରୁ ଅପ୍ରେଲ ୭ ତାରିଖ ପର୍ଯ୍ୟନ୍ତ ଯାତ୍ରା ଅନୁଷ୍ଠିତ ହେବ। କ୍ରମାନୁସାରେ ମାର୍ଚ୍ଚ ୨୭ରେ ଜନ୍ମନାରାୟଣ ବେଶ, ୨୮ରେ ତାଡ଼କା ବଧ, ୨୯ରେ ଅହଲ୍ୟା ଉଦ୍ଧାରଣ ବେଶ, ୩୦ରେ ଗଙ୍ଗାପାର ବେଶ, ୩୧ରେ ଧନୁଭଙ୍ଗ (ସୀତା ବିବାହ) ବେଶ ହେବ। ଅପ୍ରେଲ ୧ରେ ବନବାସ ବେଶ ଓ ୨ ତାରିଖ ଗୁରୁବାର ଦିନ ସାଧାରଣ ବେଶରେ ଦର୍ଶନ ମିଳିବ। ପରେ ୩ ତାରିଖରେ ଚିତ୍ରକୂଟ ବେଶ, ୪ରେ ଅଷ୍ଟାବଧାନ ବେଶ, ୫ରେ ଯୁଦ୍ଧଯାତ୍ରା ବେଶ, ୬ରେ ଅଭିଷେକ ସନ୍ଧ୍ୟାବେଶ ହେବ। ପ୍ରତିଦିନ ସନ୍ଧ୍ୟା ୬ଟା ଠାରୁ ରାତି ୧୧ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ଦର୍ଶନ ଖୋଲା ରହିବ। କେବଳ ସୀତା ବିବାହ ବେଶ ଦିନ ସନ୍ଧ୍ୟା ୬ଟା ଠାରୁ ରାତି ୨ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହିବ। ଅପ୍ରେଲ ୭ ତାରିଖରେ ଠାକୁରଙ୍କ ପାଣିଖେଳ ଅନୁଷ୍ଠିତ ହେବ। ବୈଠକରେ ଯାତ୍ରୀ ଦର୍ଶନ ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଆଲୋକ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ସୂଚନା ଓ ଲୋକସମ୍ପର୍କ, ପ୍ରଚାର ପ୍ରସାର, ଶାନ୍ତି-ଶୃଙ୍ଖଳା ରକ୍ଷା ଏବଂ ଆକସ୍ମିକ ଦୁର୍ଘଟଣା ସମୟରେ ଆଶୁ ଚିକିତ୍ସା ଭଳି ବିଭିନ୍ନ ପ୍ରସଙ୍ଗରେ ବ୍ୟାପକ ଆଲୋଚନା ହୋଇଥିଲା। ସମସ୍ତଙ୍କ ପରାମର୍ଶକ୍ରମେ ହନୁମାନଛକ ଠାରୁ ରଘୁନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ପାଶ୍ୱର୍ରେ ଆମିଷ ବିକ୍ରୟ ନିଷେଧ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମଟି ପରିଚାଳନା କରିଥିଲେ।

## ସଙ୍କୀର୍ତ୍ତନ ଗାୟକଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ

**ପ୍ରତିମୂର୍ତ୍ତି ଉନ୍ମୋଚନ**

ଖଣ୍ଡପଡ଼ା/ଭାପୁର,୭ ।୩(ସମିସ): ଭାପୁର ବ୍ଲକ ବାଇଗୁଣିଆ ଗ୍ରାମର ଓଡ଼ିଶାର ସୁନାମଧନ୍ୟ ବରିଷ୍ଠ ସଂକୀର୍ତ୍ତନ ଗାୟକ ତଥା ରାଜ୍ୟ ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ ସମ୍ପାଦକ ସ୍ୱର୍ଗତ ମଦନ ମୋହନ ଦାଶଙ୍କ ଶନିବାର ଅପରାହ୍ନରେ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧ ଦିବସ ପାଳନ ସହିତ ତାଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି। ପୁଅ ଅଶୋକ କୁମାର ଦାଶଙ୍କ



ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ସ୍ୱର୍ଗତ ମଦନ ମୋହନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥିଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ ଉପଦେଷ୍ଟା ଡ. ଗଣେଶ୍ୱର ସ୍ୱାଇଁ, ଶିକ୍ଷାବିତ ରବୀନ୍ଦ୍ର ନାଥ ପଟ୍ଟନାୟକ, ଅଧ୍ୟାପକ ବେଣୁଧର ପ୍ରଧାନ, ବରିଷ୍ଠ ସଂକୀର୍ତ୍ତନ ଗାୟକ ମହେଶ୍ୱର ଚୌଧୁରୀ, ବ୍ରହ୍ମାନନ୍ଦ ଓଝା ପ୍ରମୁଖ ମଞ୍ଚାସିନ ରହି ସ୍ମୃତି ଚାରଣ କରିବା ସହ ଓଡ଼ିଶାର ଲୋକକଳା ସଙ୍କୀର୍ତ୍ତନକୁ ଉଜ୍ଜୀବିତ ରଖିବା ପାଇଁ ସ୍ୱର୍ଗତ ଶ୍ରୀ ଦାଶଙ୍କ ଉଲ୍ଲେଖନୀୟ ଅବଦାନକୁ ମନେ ପକାଇଥିଲେ। ଅଧ୍ୟାପକ ସର୍ବେଶ୍ୱର ମହାରଣା ମଞ୍ଚ ସଞ୍ଚାଳନ କରିଥିବା ବେଳେ ବରିଷ୍ଠ ସଂକୀର୍ତ୍ତନ ବାୟକ ଗୋଲଖ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ମୂର୍ତ୍ତି କାରିଗର ବ୍ରହ୍ମାନନ୍ଦ ଓଝା, ମହେଶ୍ୱର ଚୌଧୁରୀ, ବାଉରୀବନ୍ଧୁ ସେନାପତି, ଅଚ୍ୟୁତାନନ୍ଦ ଓଝା, ବିଶ୍ୱନାଥ ପ୍ରଧାନ, ଉଦୟ ନାଥ ଲେଙ୍କାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସଙ୍କୀର୍ତ୍ତନ ପ୍ରେମୀ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ଚାରିଦୋଳ ଯାତ୍ରା ପାଳିତ



ଗଣିଆ,୭ ।୩(ସମିସ): ଗଣିଆ ବଜାର ହାଟପଡ଼ିଆରେ ଚାରିଦୋଳ ମେଳଣ ଧୁମଧାମରେ ପାଳିତ ହୋଇଯାଇଛି। ମେଳଣର ସ୍ଥାନାଧିପତି ଗ୍ରାମର ଲିଙ୍ଗରାଜ ଦେବଙ୍କ ନିମନ୍ତ୍ରଣ କ୍ରମେ ସ୍ଥାନୀୟ ଗୋପିନାଥ ଦେବ, ରଘୁନାଥ ଜୀଉ, ଜଗନ୍ନାଥ ଜୀଉ ଏବଂ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ରାଉତପଡ଼ାସ୍ଥିତ ଭୋଳେଶ୍ୱର ମହାଦେବଙ୍କୁ ସୁସଜ୍ଜିତ ବିମାନରେ ମଙ୍ଗଳବାର ସନ୍ଧ୍ୟାରେ ମେଳଣ ପଡିଆକୁ ନିଆଯାଇଥିଲା। ଆତସବାଜି ସାଙ୍ଗକୁ ବିରାଟ ପଟୁଆରରେ ଗୋପାଳ ସମାଜର ଲଉଡିଖେଳ ଓ ଡିଜେ ଶଦ୍ଦର ତାଳେ ତାଳେ ସହସ୍ରାଧିକ ଝୁମି ଯାଇଥିଲେ। ଗ୍ରାମର ଗୋପିନାଥ ଜୀଉଙ୍କ ମନ୍ଦିର ନିକଟରୁ ଏହି ଶୋଭାଯାତ୍ରା ବାହାରି ନଗର ପରିଭ୍ରମଣ କରି ମେଳଣ ପଡ଼ିଆରେ ପହଞ୍ଚିଥିଲା। ପରସ୍ପର ସହିତ ଫଗୁଖେଳି ଫଗୁ ରଙ୍ଗରେ ରଙ୍ଗୀନ ହୋଇଯାଇଥିଲେ ଗ୍ରାମବାସୀ। ଦୋଳବେଦୀ ଉପରେ ସବୁ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଚାରିଦୋଳ ଯାତ୍ରା ଗଣିଆ ପଞ୍ଚାୟତ ଏକ ସ୍ୱତନ୍ତ୍ର ମେଳଣ ହୋଇଥିବାରୁ ସରପଞ୍ଚ ଗିରିଧାରୀ ସେଠୀ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ,ଗଣିଆ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ତଥା ବୁଦ୍ଧିଜୀବିମାନେ ଉପସ୍ଥିତ ଥିଲେ। ସନ୍ଧ୍ୟା ସମୟରେ ସ୍ଥାନୀୟ କଳା ପରିଷଦର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ରାତିରେ ମା ତାରିଣୀ ଦେବୀ ଯୁବ ନାଟ୍ୟ ସଂସଦ ତରଫରୁ ପୌରାଣିକ ନାଟକ କେତେ ଦୁଃଖ ଦେବୁ ଦେରେ କାଳିଆ ମଞ୍ଚସ୍ଥ ହୋଇଥିଲା। ସରପଞ୍ଚଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମେଳା ସମ୍ପୂର୍ଣ୍ଣ ହୋଇଥିଲା।

**ବିଦ୍ୟାଳୟ ଖୋଲିବା ଦାବି**

## ବେଲପଡ଼ା ପାଟଣାରୁ ନୟାଗଡ଼ ଯାଏଁ ହାଇଡ୍ରାମା

ନୟାଗଡ଼/ଗଣିଆ,୭ ।୩(ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ବେଲପଡ଼ା ପ୍ରାଥମିକ ବିଦ୍ୟାଳୟ ଖୋଲିବା ଏବଂ ବନ୍ଦ କରିବା ଜିଦରେ ଉଭୟ ଗୋଷ୍ଠୀଙ୍କ ହାଇଡ୍ରାମାକୁ ନେଇ ଆଜି ପୁଲିସ ନାକେଦମ ହୋଇଛି। ମୃତ ଛାତ୍ରଙ୍କ ପରିବାର ଓ ସମ୍ପର୍କିୟ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ଦେବାକୁ ବିରୋଧ କରିବାରୁ ପୁଲିସ ସହ ଧସ୍ତାଧସ୍ତି ହୋଇଛି। ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକ ବିଦ୍ୟାଳୟ ଖୋଲିବା ପାଇଁ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଧାରଣା ଦେବାରୁ ଦୁଇ ସାଂସଦ ଓ ଜଣେ ବିଧାୟକଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଘଣ୍ଟାଏ କାଳ ଅଟକି ରହିଛନ୍ତି। ସୂଚନାନୁସାରେ, ଗଣିଆ ବ୍ଲକ ବେଲପଡ଼ାପାଟଣା ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୧ ମାସରୁ ଅଧିକ ସମୟ ହେବ ତାଲା ଝୁଲୁଛି। ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ଭୋଳାନାଥ ମଳିକଙ୍କର ନିଖୋଜ ହେବା ଏବଂ ପରେ ଏକ ଖୋଲା କୂଅରୁ ତାଙ୍କର ମୃତଦେହ ଉଦ୍ଧାର ହେବା ପରଠାରୁ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ନ୍ୟାୟ ପାଇଁ ପରିବାରବର୍ଗ ବିଦ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ମୈଖିକ ପରୀକ୍ଷା ଆରମ୍ଭ ହୋଇଯାଇଥିବାରୁ ଶୁକ୍ରବାର ସ୍ଥାନୀୟ ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ହେଉଥିବା ବେଳେ ପରିବାର ଲୋକେ ସେଠାରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ଫଳରେ ପରୀକ୍ଷା ବନ୍ଦ ରହିଥିଲା। ବିଦ୍ୟାଳୟ ଖୋଲିବା ଏବଂ ପରୀକ୍ଷା କରିବା ପାଇଁ ଦାବି କରି ବେଲପଡ଼ାପାଟଣା ଗ୍ରାମବାସୀ ଶୁକ୍ରବାର ଗଣିଆ ବଜାରରେ ରାସ୍ତାରୋକ କରିଥିଲେ। ଥାନା ଅଧିକାରୀ ଟଙ୍କଧର ଛତ୍ରିୟା ପ୍ରତିଶୃତି ଦେବାପରେ ରାସ୍ତାରୋକ ହଟିଥିଲା। ଶନିବାର ସକାଳୁ ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ, ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ୍, ଥାନା ଅଧିକାରୀ ଟଙ୍କଧର ଛତ୍ରିୟା, ବିଆରସିସି ବିନୋଦିନୀ ପଣ୍ଡା,

**● ପରୀକ୍ଷାକୁ ବିରୋଧ କରି ପୁଲିସ ସହ ଧସ୍ତାଧସ୍ତି**

**● ବିଦ୍ୟାଳୟ ଖୋଲିବାକୁ ନୟାଗଡ଼ରେ ଧାରଣା**

**● ଅଟକି ରହିଲେ ଦୁଇ ସାଂସଦ ଓ ବିଧାୟକ**



ଅତିରିକ୍ତ ଶିକ୍ଷା ଅଧିକାରୀ ରବିନ୍ଦ୍ର ବେହେରା, ନିରୁପମା ମହାପାତ୍ରଙ୍କ ସମେତ ୫ ପ୍ଲାଟୁନ ପୁଲିସ ଫୋର୍ସ ପହଞ୍ଚି ପ୍ରାଥମିକ ବିଦ୍ୟାଳୟ ପରିସରରେ ପରୀକ୍ଷା ପରିଚାଳନା କରିବାକୁ ପ୍ରସ୍ତୁତ ହେଉଥିଲେ। ପ୍ରାଥମିକ ବିଦ୍ୟାଳୟ ପରିସରରେ ପରୀକ୍ଷା କରିବାକୁ ବେଲପଡ଼ାପାଟଣା ଗ୍ରାମବାସୀ ଅଡି ବସିଥିବା ବେଳେ ମୃତ ଛାତ୍ରଙ୍କ ପରିବାର ଏହାକୁ ବିରୋଧ କରିଥିଲେ। କିଛି ସମୟ ପାଇଁ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ପୁଲିସ ସହ ମୃତ ଛାତ୍ରଙ୍କ ପରିବାର ସମ୍ପର୍କିୟ ଧସ୍ତାଧସ୍ତି ହୋଇଥିଲେ। ଏସଡିପିଓ ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କରିବାକୁ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଫଳରେ ସେଠାରେ ପରୀକ୍ଷା ହୋଇଥିଲା। ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀର ୫୨ ଜଣ ପିଲାଙ୍କ ମଧ୍ୟରୁ ୩୬ ଜଣ ପିଲା ଉପସ୍ଥିତ ରହି ପରୀକ୍ଷା ଦେଇଥିବା ବିଆରସିସି ପ୍ରକାଶ କରିଛନ୍ତି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭ୍ରମ କୁମାର ସାହୁ ଏବଂ ସିଆରସିସି ପରୀକ୍ଷା ପରିଚାଳନା କରିବା ସହିତ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା। ସୋମବାର ଠାରୁ ଲିଖିତ ପରୀକ୍ଷା ଆରମ୍ଭ ହେଉଥିବାରୁ ପ୍ରାଥମିକ ବିଦ୍ୟାଳୟ ଖୋଲି ସେଠାରେ ପରୀକ୍ଷା ପରିଚାଳନା କରିବାକୁ ବେଲପଡ଼ାପାଟଣା ଗ୍ରାମବାସୀ ମାନେ ଦାବି କରିଛନ୍ତି। ଏପରିକି ଗ୍ରାମର ପ୍ରାୟ ୨ ଶହରୁ ଅଧିକ ମହିଳା ଏବଂ ପୁରୁଷ ନୟାଗଡ଼ ଆସି ଜିଲ୍ଲା ପରିଷଦ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ତୁରନ୍ତ ପ୍ରାଥମିକ ବିଦ୍ୟାଳୟ ଖୋଲିବାକୁ ଦାବି କରିଥିଲେ। ବେଲପଡ଼ାପାଟଣା ଗ୍ରାମବାସୀଙ୍କ ସହ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, କଟକ ସାଂସଦ ଭର୍ତ୍ତୃହରୀ ମହତାବ, ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲାପାଳ ମଧୁମିତା ରଥ ଆଲୋଚନା କରିଥିଲେ। ପରୀକ୍ଷା ସରିବା ପରେ ଶାନ୍ତି କମିଟି ମାଧ୍ୟମରେ ଆଲୋଚନା କରାଯାଇ ବିଦ୍ୟାଳୟ ଖୋଲିବାକୁ ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ। କିନ୍ତୁ ଗ୍ରାମବାସୀ ସୋମବାରଠାରୁ ବିଦ୍ୟାଳୟ ଖୋଲିବା ଦାବିରେ ଜିଦ ଧରି ଜିଲ୍ଲା ପରିଷଦ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ଧାରଣା ଦେଇଥିଲେ। ଦୀର୍ଘ ଘଣ୍ଟାଏ କାଳ ସାଂସଦ ଓ ବିଧାୟକଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଅଟକି ରହିଥିଲେ। ବୁଝାଶୁଝା ପରେ ଗ୍ରାମବାସୀ ଧାରଣାରୁ ହଟିଥିବା ଦେଖାଯାଇଛି।

# ପଦନପୁର ଗାଁରେ ବୋମାମାଡ଼, ୩ ଆହତ

## ଦୁର୍ବୃତ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକ, ୫ ଅଟକ


ଜଟଣୀ ପଦନପୁର ରେ ବୋମା ମାଡ଼



ଜଟଣୀ, ୭।୩ (ସମିସ): କିଛି ମାସ ବ୍ୟବଧାନରେ ପୁଣି ଜଟଣୀରେ ଫୁଟିଲା ବୋମା। ଜଟଣୀ ଥାନା ଅନ୍ତର୍ଗତ ପଦନପୁର ଗ୍ରାମ ସ୍କୁଲ ନିକଟରେ ବିଳମ୍ବିତ ରାତିରେ ବଚସାକୁ କେନ୍ଦ୍ରକରି ଦୁର୍ବୃତ୍ତ ବୋମାମାଡ଼ କରିଛନ୍ତି। ଏଥିରେ ଦୁଇ ଜଣ ଯୁବକ ଆହତ ହୋଇଥିବା ବେଳେ ଜଣେ ନାବାଳକ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଆହତମାନେ ହେଲେ ସ୍ମୃତି ରଞ୍ଜନ ନାୟକ, କୃଷ୍ଣ ନାୟକ ଓ ଚିକୁନା ନାୟକ। ଦୁର୍ବୃତ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ଗ୍ରାମବାସୀ ରାସ୍ତାରୋକ୍ କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ରୋକ୍ ହଟିଥିଲା। ଅନ୍ୟପଟେ ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ପଦନପୁର ତଳସାହିର ପ୍ରକାଶ ହରିଚନ୍ଦନଙ୍କ ସାନପୁଅ ଚନ୍ଦ୍ରକାନ୍ତ ହରିଚନ୍ଦନ ଓରଫ ତପୁ ର ଦୁଇଜଣ ଦାଦା ଓ ଭାଉଜ ସମେତ ତାର ସହଯୋଗୀ ଲକି ର ବାପା ପ୍ରମୁଖ ୪ ଜଣଙ୍କୁ ଉଠାଇ ଆଣି ଥାନାରେ ପଚରାଉଚରା କରୁଥିବା ଜଣାପଡ଼ିଛି।

ଘଟଣାନୁଯାୟୀ, ଗତକାଲି ରାତିରେ ପଦନପୁର ଗ୍ରାମରେ ଦୋଳ ମେଳଣ ପର୍ବ ଚାଲିଥିଲା। ଏହି ସମୟରେ ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ହଠାତ୍ ଶବ୍ଦ ହୋଇଥିଲା। କେହି ଦୁର୍ବୃତ୍ତ ବୋମା ମାଡ଼ କରିଥିବା ଜଣା ପଡ଼ିବା ପରେ ଲୋକମାନେ ଭୟଭୀତ ହୋଇ ଘରକୁ ପଳାଇଥିଲେ। ଏହାପରେ ସ୍ଥାନୀୟ ଲୋକମାନେ ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରୁ ସାମାନ୍ୟ ଆହତ ହୋଇଥିବା ଦୁଇ ଜଣ ଯୁବକ ଚିକିତ୍ସା ପରେ ଘରକୁ ଫେରି ଆସିଥିଲେ। ନାବାଳକ ଜଣଙ୍କ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲ୍ କୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାକୁ ନେଇ ବିଳମ୍ବିତ ରାତିରେ ଅଞ୍ଚଳର ମହିଳା ଓ ପୁରୁଷମାନେ ଖୋର୍ଦ୍ଧା-ପିପିଲି ମୁଖ୍ୟ ରାସ୍ତାକୁ ଅବରୋଧ କରି ହୋହାଲ୍ଲା କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝା ସୁଝା କରିବା ପରେ ଘଟଣା ଶାନ୍ତ ପଡ଼ିଥିଲା। ଅନ୍ୟପଟେ ଘଟଣାକୁ ନେଇ ଆହତ ଯୁବକଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତକାଲି ରାତିରେ ଆହତ ଯୁବକ ଓ ସେମାନଙ୍କ ସାଙ୍ଗମାନେ ମେଳଣ ପଡ଼ିଆରେ ବୁଲୁଥିଲେ। ଏହି ସମୟରେ ଗାଁର ତପୁ ଓ ତାର ସହଯୋଗୀ ଲକି ମହାନ୍ତି, ରୁଦ୍ର ନାରାୟଣ ମହାପାତ୍ର ପ୍ରମୁଖ ମିଶି ସେମାନଙ୍କୁ ଅଟକାଇ ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେମାନେ ବିରୋଧ କରିବାରୁ ହଠାତ୍ ସେମାନଙ୍କ ଉପରକୁ ଦୁଇଟି ବୋମା ଫିଙ୍ଗିଥିଲେ। ଏଥିରେ ୩ଜଣ ଆହତ ହୋଇଥିଲେ। ଚିତ୍କାର କରିବାରୁ ସେମାନେ ଧମକ ଦେଇ ଦୌଡ଼ି ପଳାଇଥିଲେ ବୋଲି ଅଭିଯୋଗ ହୋଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

ପ୍ରକାଶ ଥାଉକି, ପୂର୍ବରୁ ବନ୍ଧୁକ ବେପାର କରିବା ଅଭିଯୋଗରେ ତପୁକୁ ପୁଲିସ ଗିରଫ କରିଥିଲା। ସେହିପରି ତା ନାଁରେ ପୂର୍ବରୁ ମଧ ଅନେକ ଅପରାଧିକ ମାମଲା ରହିଥିବା ପୁଲିସ ସୂତ୍ରରୁ ଜଣା ଯାଇଛି।

# ମହିଳାଙ୍କ ଅନ୍ତରଙ୍ଗ ଭିଡିଓ ଭାଇରାଲ କରି ଅଭିଯୁକ୍ତ ଗିରଫ

ବାଲୁଗାଁ, ୭।୩(ସମିସ) : ବାଲୁଗାଁ ଥାନା ଅଞ୍ଚଳର ଜନୈକା ମହିଳା ତଥା ସମ୍ପର୍କୀୟା ଶାଳୀଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିବା ଅଭିଯୋଗରେ ବାଲୁଗାଁ ପୁଲିସ ସମ୍ପୃକ୍ତ ଅଭିଯୁକ୍ତ ଭିଣୋଇକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲ୍ଲା ବେଗୁନିଆପଡା ଥାନା ଅନ୍ତର୍ଗତ ଗୁରୁଝରି ଗ୍ରାମର ଧନୁ ଜେନା। ଅଭିଯୋଗ ମୁତାବକ, ଧନୁ ବାଲୁଗାଁ ଅଞ୍ଚଳରେ ରହି ବ୍ୟବସାୟ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତଥା ସମ୍ପର୍କୀୟା ଶାଳୀକୁ ନିଜ ପ୍ରେମ ଜାଲରେ ଫସାଇ ଅନୈତିକ ସମ୍ପର୍କ ରଖିବା ସହ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫଟୋ ଓ ଭିଡିଓକୁ ନିଜ ମୋବାଇଲରେ ଉତ୍ତୋଳନ କରି ରଖିଥିଲେ। ତେବେ ଧନୁ ପରବର୍ତ୍ତୀ ସମୟରେ ସୁରଟ ପଳାଇଯିବା ପରେ ସେଠାରେ ଉତ୍ତୋଳନ କରି ରଖିଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ସବୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରି ଦେଇଥିଲେ। ଭାଇରାଲ ହେବା ସମ୍ପର୍କରେ ଜାଣିବା ପରେ ମହିଳା ଜଣକ ଗତ ଜାନୁୟାରୀ ୨୧ ତାରିଖରେ ବାଲୁଗାଁ ଥାନାରେ ଏନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ୩୫/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। କିଛିଦିନ ପୂର୍ବେ ଅଭିଯୁକ୍ତ ଧନୁ ନିଜ ଗ୍ରାମକୁ ଆସିଥିବାର ଖବର ପାଇ ବାଲୁଗାଁ ଥାନା ଅଧିକାରୀ ଜୟ ପ୍ରକାଶ ପରିଡାଙ୍କ ନେତୃତ୍ୱରେ ଏକ ଟିମ ଚଢ଼ାଉ କରି ବେଗୁନିଆପଡା ଅଞ୍ଚଳରୁ ଅଭିଯୁକ୍ତ ଧନୁକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିବା ପୁଲିସ କହିଛି।

■ ବିନା ପ୍ରମାଣପତ୍ରରେ ଚକ୍ଷୁ ପରୀକ୍ଷା ସଚେତନତା ଶିବିର

# ଧରାପଡ଼ିବା ପରେ ଅଧାରୁ ବନ୍ଦ

ଟାଙ୍ଗୀ, ୭।୩ (ସମିସ): ଶୃଙ୍ଖଳାଗତ ପଦକ୍ଷେପ ଅଭାବ, ସରଳତାର ସୁଯୋଗ ନେଇ ବିଭିନ୍ନ ଅନୁଷ୍ଠାନ ନିରୀହ ଜନସାଧାରଣଙ୍କୁ ଲୋଭ ଦେଖାଇ ପରେ ଆର୍ଥିକ ଶୋଷଣ କରୁଥିବା ଏବେ ଗ୍ରାମାଞ୍ଚଳରେ ନିତିଦିନିଆ ଘଟଣା ହେଲାଣି। ଏଭଳି ଏକ ଘଟଣା ଆଜି ଟାଙ୍ଗୀ ଥାନା ଅଧୀନସ୍ଥ ଚଣ୍ଡେଶ୍ୱରରେ ଦେଖିବାକୁ ମିଳିଛି। ତେବେ ବିନା ନିର୍ଦ୍ଦେଶନାମା ରେ ଏହି କାର୍ଯ୍ୟ କରାଯାଉଥିବା ଚଣ୍ଡେଶ୍ୱର ପଞ୍ଚାୟତ ସରପଞ୍ଚ କୌଣସି ସୂତ୍ରରୁ ଜାଣିବା ପରେ ଏହି କାର୍ଯ୍ୟକ୍ରମକୁ ବନ୍ଦ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ କଟକ ର ଭିଜନ କେୟାର ସେଣ୍ଟର ଅରବାନ ହସପିଟାଲ ଘରୋଇ ଚକ୍ଷୁ ଚିକିତ୍ସାଳୟ ଆଜି ଚଣ୍ଡେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାଗଣା ଚକ୍ଷୁ ପରୀକ୍ଷା, ବ୍ଲଡ ପ୍ରେସର, ଡାଇବେଟିସ, ମାଗଣାରେ ଚଷମା, ବିନା କଟାକଟି, ବିନା ଇଂଜେକସନ ରେ ଚକ୍ଷୁ ଅସ୍ତ୍ରୋପଚାର, ମାଗଣାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାରରେ ସେବା ଯୋଗାଇ ଦେବା ସହ ଚିଲିକା ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଚଣ୍ଡେଶ୍ୱର ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟଙ୍କ ଦ୍ୱାରା ମାଗଣାରେ ଚଷମା ଯୋଗାଇ ଦିଆଯିବ ବୋଲି ଡାକବାଜି ଯନ୍ତ୍ରରେ ପ୍ରଚାର ପରେ ଆଜି ଏହି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ସାଙ୍ଗରେ ମୋବାଇଲ ନମ୍ବର ଓ ଆଧାର କାର୍ଡ ଆଣିବାକୁ ପରାମର୍ଶ ଦିଆଯାଇଥିଲା। ନିର୍ବାଚିତ ଲୋକପ୍ରତିନିଧି ଙ୍କୁ ଚକମା ଦେଖାଇ ମାଗଣାରେ ଚଷମା ଯୋଗାଇ ପରେ ବିଭିନ୍ନ ଆଳ ଦେଖାଇ ଆର୍ଥିକ ଶୋଷଣ କରାଯାଉଥିବା ତଥା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ବିନା ନିର୍ଦ୍ଦେଶରେ କରାଯାଉଥିବା ସନ୍ଦେହ ପ୍ରକଟ କରି ଚଣ୍ଡେଶ୍ୱର ସରପଞ୍ଚ ସଂପୃକ୍ତ ଶିବିର ପରିଚାଳକଙ୍କୁ ପଚାରିବାରେ କୌଣସି ନିର୍ଦ୍ଦେଶନାମା ନ ଥିବା ଜଣା ପଡିଥିଲା। ଫଳରେ ଏହି ଶିବିର ବନ୍ଦ କରାଯାଇଥିଲା।

# ବାଣପୁର ଏନ୍‌ଏସିର ସୁବର୍ଣ୍ଣ ଜୟନ୍ତୀ ସମାରୋହ



ବାଣପୁର, ୭।୩(ସମିସ): ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର୍ ସୁବର୍ଣ୍ଣ ଜୟନ୍ତୀ ସମାରୋହ ବାଣପୁରର ଐତିହାସିକ ପାଲଟନ ପଡିଆରେ ମହାଆଡମ୍ବର ସହ ପାଳିତ ହେଉଛି। ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଶନିବାର ପ୍ରଥମ ଦିବସରେ ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ବାଣପୁର ଏନଏସି ଉପାଧ୍ୟକ୍ଷା ପ୍ରାଚୀପ୍ରଭା ସ୍ୱାଇଁ, କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମୃତିରଞ୍ଜନ ସାହୁଙ୍କ ସମେତ ସମସ୍ତ କାଉନସିଲର ମାନେ ଯୋଗଦେଇ ବାଣପୁରର ଗୌରବମୟ ଇତିହାସ ର ସ୍ମୃତି ଚାରଣ କରି ବାଣପୁର ବିଜ୍ଞାପିତ ଅଂଚଳ ପରିଷଦର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ଭୁୟସୀ ପ୍ରଶଂସା କରିଥିଲେ। ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଅତିଥି ମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ ହେବା ସହିତ ସୁବର୍ଣ୍ଣ ଜୟନ୍ତୀ ଉଦ୍ୟାନର ଭିତ୍ତିପ୍ରସ୍ତର ସ୍ଥାପନ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ଆଦର୍ଶ ଶ୍ମଶାନ ଉଦଘାଟନ ସହିତ ପଲଟଣ ପଡିଆ ସ୍ଥିତ ସହିଦ କୃତିବାସ ପାଟଶାଣୀଙ୍କ ଅଶ୍ୱାରୋହଣ ପ୍ରତିମୂର୍ତ୍ତିର ଅନାବରଣ କରାଯାଇଥିଲା। ଏହି ଅବସରରେ ଅଞ୍ଚଳର ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିବା ବେଳେ ମନ୍ତ୍ରୀ ହରିଚନ୍ଦନଙ୍କ ଦ୍ୱାରା ଦିଆ ଯାଇଥିବା ପ୍ରସ୍ତାବ ବାଣପୁର ଏବଂ ବାଲୁଗାଁ ବିଜ୍ଞାପିତ ଅଂଚଳର ମିଶ୍ରଣ କରି ନୂତନ ମ୍ୟୁନିସିପାଲିଟି ଗଠନ ପ୍ରକ୍ରିୟାକୁ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ବିଚାରକୁ ନେଇ ପ୍ରକ୍ରିୟା ଆରମ୍ଭ କରିଥିବା ପ୍ରତିଶ୍ରୁତି ଦେଇଥିଲେ। ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ଆରମ୍ଭ ହୋଇ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚାଲିଥିବା ବେଳେ ବହୁ ସଂଖ୍ୟକ ଦର୍ଶକ ସମାଗମ ହୋଇ ଉପଭୋଗ କରିଥିଲେ।

## ବାଣପୁରର ଐତିହାସିକ ପଞ୍ଚୁଦୋଳ ଯାତ୍ରା

# ଦେବଦେବୀଙ୍କ ଅପେକ୍ଷାରେ ସୁସଜ୍ଜିତ ପଲଟଣ ପଡ଼ିଆ

ବାଣପୁର, ୭।୩(ସମିସ) : ବାଣପୁର ଐତିହାସିକ ପଞ୍ଚୁଦୋଳ ଯାତ୍ରା ପଲଟଣ ପଡିଆରେ ପ୍ରତିବର୍ଷ ପରି ଚଳିତ ବର୍ଷ ମହାଆଡମ୍ବର ସହ ଅନୁଷ୍ଠିତ ହେବାକୁ ଯାଉଛି। ୮ ତାରିଖ ରବିବାର ରାତ୍ରରେ ଦେବଦେବୀଙ୍କ ପଞ୍ଚୁଦୋଳ ଯାତ୍ରାକୁ ଆଗମନ କରିବାକୁ ଥିବା ବେଳେ ୯ ତାରିଖ ସୋମବାର ଅପରାହ୍ନରେ ଦେବା ଦେବୀଙ୍କ ମହାମେଳଣ ଉତ୍ସବ ଅନୁଷ୍ଠିତ ହେବ। ସେଥି ନିମନ୍ତେ ସମସ୍ତ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ବହୁ ଦୋକାନ ବଜାର ପସରା ପଡିଥିବା ଦେଖିବାକୁ ମିଳୁଛି। ପଡିଆ ସ୍ଥିତ ସମସ୍ତ ଦୋଳ ବେଦୀ ମାନ ଝୋଟି ଚିତାରେ ସଜେଇ ହୋଇ ଦେବାଦେବୀ ମାନଙ୍କ ଅପେକ୍ଷାରେ ଥିବା ବେଳେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଜନସମାଗମ ପାଇଁ ରଙ୍ଗବେରଙ୍ଗ ଆଲୋକ ମାଳାରେ ଝଲସି ଉଠୁଛି ପଡିଆ। ଏଥିଲାଗି ଅଞ୍ଚଳର ଗାଁ ଗଣ୍ଡା ପୁରପଲ୍ଲୀଠାରୁ ସହର ପର୍ଯ୍ୟନ୍ତ ଘରେ ଘରେ ବନ୍ଧୁ ବାନ୍ଧବ ମାନଙ୍କ ଭିଡ ଲାଗିଛି। ସମସ୍ତ ଦେବା ଦେବୀଙ୍କୁ ନିମନ୍ତ୍ରଣ କରି ସ୍ଥାନାଧିପତି ଶ୍ରୀ ଚରଣ ଚକାଦେବ ଅପେକ୍ଷାରତ। ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀ ଖଣ୍ଡୁଆ ପାଟ ପଟନୀରେ ବନ ଦୁର୍ଗା ବେଶରେ ଏବଂ ଦେବ ଦେବ ମହାଦେବ ଶ୍ରୀ ଉମାମହେଶ୍ୱର ଦେବ ଆଲୋକମାଳାରେ ସୁସଜ୍ଜିତ ବିମାନରେ ସଂଧ୍ୟାରେ ମନ୍ଦିରରୁ ବାହାରି ପଡିଆ ଅଭିମୁଖେ ଯାତ୍ରା କରିବେ। ବିଭିନ୍ନ ଗ୍ରାମର ରଂଗ ବେରଙ୍ଗର ଆଲୋକମାଳା ଓ ଫୁଲମାଳରେ ସଜେଇ ହୋଇ ଦୋଳ ବିମାନ, ଗରୁଡ଼, ହନୁମାନ ଓ ସିଂହ ଆଦି ଦୋଳନ ବିମାନ ସହିତ ଯୋଡି ଶଙ୍ଖ, ଘଣ୍ଟ ବାଦ୍ୟ, ବଡ଼ ଢୋଲ, ମହୁରୀ, ସଂକୀର୍ତ୍ତନ, ପାଇକ ଆଖଡ଼ା, ଢୋଲ, ଚାଙ୍ଗୁ, ବାଘ, ଘୋଡ଼ା, ଶଣ୍ଢ, କେଳା କେଲୁଣୀ ଓ ରଜାରାଣୀ ଆଦି ନୃତ୍ୟ ସବୁ ବିରାଟ ପାଟ ପଟୁଆର ସହ ଦେବା ଦେବୀ ମାନେ ସୁସଜ୍ଜିତ ବିମାନରେ ବିରାଜମାନ ହୋଇ ମାହେନ୍ଦ୍ର ବେଳାରେ ପଡିଆକୁ ବିଜେ କରିବା ପାଇଁ ପ୍ରସ୍ତୁତ। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଦୂର ଦୂରାନ୍ତରୁ ଆସି ରାସ୍ତାଘାଟରେ ବେଲୁନ୍ ପେଁକାଳି ଆଦି ପସରା ପକାଇଥିବା ବେଳେ। ଝିଅ ଶାଶୁ ଘରକୁ ଦେବା ପାଇଁ କାଠ ପଥର, କୁଲା ବାଉଁଶିଆ, କଂସା ବାସନ, ଲୁହା ଲହୁରୁଣି, ଛାଞ୍ଚୁଣି, ପହଁରା, ମନୋହରୀର ମନଲୋଭା ରଂଗ ବେରଙ୍ଗର ପସରା ଏବଂ ଛୋଟ ପିଲା ମାନଙ୍କ ପାଇଁ ଭଳିକି ଭଳି କଣ୍ଢେଇ, ଚକ୍ର ଦୋଳି, ଯାଦୁ ଖେଳ ସାଙ୍ଗକୁ ମଥୁରା କେକ୍ ଠାରୁ ଆରମ୍ଭ କରି କଟକର ଠୁଙ୍କାପରି, ଦହିବରା ଆଳୁ ଦମ୍, ଦୋସା ସାମ୍ବର, ପକଡ଼ି, ଆଳୁଚପ, ଗୁପଚୁପ, ଆଇସକ୍ରିମ୍, ଫାଷ୍ଟ ଫୁଡ୍ ଓ ସାଲେପୁର ରସଗୋଲା ଆଦି ବିଭିନ୍ନ ଦୋକାନ ବଜାର ପସରା ମେଲି ମହା ଆଡମ୍ବର ସହକାରେ ଏହି ପଞ୍ଚୁଦୋଳ ଯାତ୍ରା ଅନୁଷ୍ଠିତ ହେଉଛି। ରବିବାର ସଂଧ୍ୟାରେ ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ତୁଳସୀ ସନ୍ଧ୍ୟାର ଆସର ତଥା ଦୂର ଦୂରାନ୍ତରୁ ଆସିଥିବା ସ୍ୱନାମଧନ୍ୟ କଳାକାର ମନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣରେ ଝୁମିବେ ଦର୍ଶକ। ବିଳମ୍ବିତ ରାତ୍ରି ତଥା ରାତି ୧୨ଘଣ୍ଟା ୧୫ ମିନିଟ୍ ମାହେନ୍ଦ୍ର ବେଳାରେ ବିଭିନ୍ନ ଗ୍ରାମର ୧୬୦ ରୁ ଊର୍ଦ୍ଧ୍ୱ ଦେବଦେବୀ ମାନେ ୭୮ ଗୋଟି ସୁସଜ୍ଜିତ ବିମାନରେ ବିରାଜମାନ ହୋଇ ନାନା ରଂଗର ଆଲୋକମାଳା ଓ ବିରାଟ ପାଟ ପଟୁଆର ଶୋଭାଯାତ୍ରା ରେ ଆସି ମେଳଣ ପଡିଆକୁ ଆଗମନ କରିବା ପରେ ପୂର୍ବ ନିର୍ଦ୍ଧାରିତ ଅପେକ୍ଷାରତ ସୁସଜ୍ଜିତ ଦୋଳ ବେଦୀ ମାନଙ୍କରେ ବିରାଜମାନ ହେବେ। ଚଳିତ ବର୍ଷ ପ୍ରବଳ ଜନସମାଗମକୁ ନଜରରେ ରଖି ଯାତ୍ରା କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇ ଥିବା ବେଳେ ଶାନ୍ତି ଶୃଙ୍ଖଳା ନିମନ୍ତେ ବ୍ୟାପକ ପୁଲିସ ମୁତୟନ କରାଯାଇଛି।



# ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ, ୭।୩ (ସମିସ): ବେଗୁନିଆ ବ୍ଲକ ରାଧାକାନ୍ତ ପୁର ପଞ୍ଚାୟତ ଅନ୍ତର୍ଗତ ଧାନଘରନୂଆଗାଁର ଆରାଧ୍ୟ ଦେବତା ବାବା ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଷଡବିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏଥିରେ ବରିଷ୍ଠ ଯାଜ୍ଞିକ ବ୍ରାହ୍ମଣ ଚିନ୍ତାମଣି ଦାଶ ଶର୍ମାଙ୍କ ତତ୍ତ୍ୱାବଧାନରେ କର୍ତ୍ତା ଭାବେ ରବୀନ୍ଦ୍ର ନାଥ ମହାପାତ୍ର ଓ ପତ୍ନୀ ସାବିତ୍ରୀ ଉପବେସନ କରିଥିଲେ। ପରେ ବୈଦିକ ରୀତିନୀତି ଅନୁଯାଇ ଅଙ୍କୁରାରୋପଣ ସହ କଳସ ଶୋଭାଯାତ୍ରା ଭକ୍ତି ଓ ଭାବମୟ ପରିବେଶରେ ଗ୍ରାମ୍ୟ ପରିକ୍ରମା କରାଯାଇ ମନ୍ଦିର ପରିସରରେ ପହଁଚି ସ୍ଥାପନ ହୋଇଥିଲା। ପରେ ତୀର୍ଥାବାହନ, ମଣ୍ଡଳକରଣ, ଅଗ୍ନିସ୍ଥାପନ, ଆହୁତି ପ୍ରଦାନ କରାଯାଇ ଥିଲା। ଆସନ୍ତାକାଲି ସୂର୍ଯ୍ୟପୂଜା, ଗୋପୂଜା ଉପଚାର ପୂଜା ଓ ଆହୁତି ପ୍ରଦାନ ସହ ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

# ୩୦ ଫୁଟରୁ ତଳକୁ ଖସିପଡ଼ି ଶ୍ରମିକ ମୃତ

ବେଗୁନିଆ, ୭।୩(ସମିସ): ବାଘମାରିଥାନାଅନ୍ତର୍ଗତସାରୁଅଶିଳ୍ପାଞ୍ଚଳପରିସରରେଥିବାସ୍ୱାଇଁଆଲୁମିନିୟମ କାରଖାନାରେ ଆଜବେଷ୍ଟସ କାର୍ଯ୍ୟ ଚାଲୁଥିବା ବେଳେ ଜଣେ ଶ୍ରମିକ ୩୦ ଫୁଟ ଉଚ୍ଚରୁ ଖସି ପଡ଼ିଥିଲେ। ତୁରନ୍ତ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ସ୍ଥିତ ବେସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ସେ ମୃତ୍ୟୁବରଣ କରିଥିବା ବେଳେ ବାଘମାରି ଥାନା ପୁଲିସ ଘଟଣା ସ୍ଥଳରେ ପହଁଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେଲା ବେଳକୁ କୌଣସି ଅଭିଯୋଗ ହୋଇ ନ ଥିବାରୁ ମୃତକଙ୍କ ପରିଚୟ ମିଳି ପାରି ନାହିଁ।

# ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ସହ-ନିର୍ଦ୍ଦେଶକଙ୍କ ବିୟୋଗ



ଚିଲିକା, ୭।୩ (ସମିସ): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଶାଖାର ପ୍ରାକ୍ତନ୍ ସହ-ନିର୍ଦ୍ଦେଶକ ପ୍ରଦୀପ କୁମାର ରଥଙ୍କ ଭୁବନେଶ୍ୱରସ୍ଥିତ ଏମ୍ସ ହସପିଟାଲ ଠାରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇ ଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ପୂର୍ବରୁ ସେ ଯକୃତ କର୍କଟ ରୋଗରେ ପୀଡ଼ିତ ଥିବା ବେଳେ ହଠାତ୍ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ବଉଳାବନ୍ଧ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ କଲ୍ୟାଣୀ ହୋତା, ଦୁଇ କନ୍ୟା, ଜାମାତା ଓ ଆତ୍ମୀୟସୋଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କ ଶବ ସତ୍କାର କରାଯାଇଥିଲା। କନିଷ୍ଠ ଭ୍ରାତା କୃଷ୍ଣମୋହନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଚିଲିକାର ପୂର୍ବତନ ବିଧାୟକ ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ, ନାଚୁଣୀ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମନ୍ତସିଂହାର, ନୀଳକଣ୍ଠ ହାଇସ୍କୁଲର ପ୍ରତିଷ୍ଠାତା ଡାକ୍ତର ମଧୁସୂଦନ ସେନାପତି, ନାଲ୍‌କୋର ପ୍ରାକ୍ତନ ସିନିଅର ମ୍ୟାନେଜର ହାଡିବନ୍ଧୁ ସାମନ୍ତରାୟ ଓ ଚିଲିକା ପୂଜ୍ୟ ପୂଜା ସଂସଦର ସଭାପତି ଦିଲ୍ଲୀପ କୁମାର ଶତପଥୀ ଓ ସାମ୍ବାଦିକ ନରେନ୍ଦ୍ର କୁମାର ପଲାଇ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

● ଟାଙ୍ଗୀ କପ୍ ସର୍ବଭାରତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

# ହରିୟାଣା ଚାମ୍ପିଅନ, କର୍ଣ୍ଣାଟକ ରନର୍ସଅପ୍



ଟାଙ୍ଗୀ, ୭।୩(ସମିସ): ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ଟାଙ୍ଗୀ କପ୍ ଅଲ୍ ଇଣ୍ଡିଆ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୬ର ଫାଇନାଲ୍ ମ୍ୟାଚ୍ ଅତ୍ୟନ୍ତ ରୋମାଞ୍ଚକର ହୋଇଥିଲା । ଫାଇନାଲ୍ ମ୍ୟାଚରେ ହରିୟାଣା ଦଳ ୨୧ ସେଟ୍ ରେ କର୍ଣ୍ଣାଟକ ଦଳକୁ ପରାଜିତ କରି ଚାମ୍ପିଅନ୍ ହୋଇଛି। ଚାମ୍ପିଅନ୍ ହରିୟାଣା ଦଳକୁ ୫୦,୦୦୦ ଟଙ୍କା ନଗଦ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା ଓ ରନର୍ସଅପ୍ କର୍ଣ୍ଣାଟକ ଦଳକୁ ୩୦,୦୦୦ ଟଙ୍କା ନଗଦ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ମଧ ଅତିଥି ଭାବେ ଯୋଗଦେଇ ବିଜେତା ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ମ୍ୟାଚ୍‌ଗୁଡିକୁ ରେଫେରି ତ୍ରିଲୋଚନ ଦାସ ଓ ଶ୍ରୀକାନ୍ତ ନାୟକ ସଫଳତାର ସହ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟର ଶେଷରେ ଟାଙ୍ଗୀ ଭଲିବଲ୍ ଆସୋସିଏସନ୍ ର ସଭାପତି ଚିନ୍ମୟ ପୃଷ୍ଟି ସମସ୍ତ ଅତିଥି, ଖେଳାଳି ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏପରି ଜାତୀୟ ସ୍ତରର ଭଲିବଲ ଟୁର୍ଣ୍ଣାମେଣ୍ଟ ଟାଙ୍ଗୀ ଅଞ୍ଚଳରେ ଅନୁଷ୍ଠିତ ହୋଇଥିବାରୁ ଶହସ୍ରାଧିକ ଦର୍ଶକଙ୍କୁ ସଭାପତି ଶ୍ରୀ ପୃଷ୍ଟି ମଧ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ବିଭିନ୍ନ ରାଜ୍ୟର ଦଳମାନେ ଅଂଶଗ୍ରହଣ କରି ଉଚ୍ଚ ମାନଙ୍କର ଖେଳ ପ୍ରଦର୍ଶନ କରିଥିଲେ। ସହଯୋଗ କରିଥିଲେ ସୌଭାଗ୍ୟ ଛୋଟରାୟ ଓ ସିବୁ।

# ନିରାକାରପୁର ଗଳିକନ୍ଦିରେ ମାଙ୍କଡ଼ଙ୍କ ଉପଦ୍ରବ

## ଆତଙ୍କିତ ଜନସାଧାରଣ, ପ୍ରଶାସନିକ ପଦକ୍ଷେପ ଦାବି

ନିରାକାରପୁର, ୭।୩ (ସମିସ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ଏବେ ମାଙ୍କଡ଼ଙ୍କ ପ୍ରାଦୁର୍ଭାବ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଗାଁର ମୁଖ୍ୟ ରାସ୍ତା ଠାରୁ ଆରମ୍ଭ କରି ଗଳିକନ୍ଦି ପର୍ଯ୍ୟନ୍ତ ସବୁଠି ମାଙ୍କଡ଼ଙ୍କ ରାଜ୍ ଚାଲିଥିବା ବେଳେ ସ୍ଥାନୀୟ ଲୋକେ ଏବେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ଗତ କିଛି ଦିନ ହେବ ମାଙ୍କଡ଼ମାନେ ଅଧିକ ହିଂସ୍ର ହେବାରେ ଲାଗିଛନ୍ତି। ଘରୁ ବାହାରକୁ ବାହାରିଲେ ମାଙ୍କଡ଼ମାନେ ଗୋଡ଼ାଇ ଗୋଡ଼ାଇ କାମୁଡ଼ିବା ସହ ଲୋକଙ୍କୁ ଖଣ୍ଡିଆ ଖାବରା କରିପକାଉଛନ୍ତି। ବିଶେଷ କରି ଛୋଟ ପିଲା ଓ ବୃଦ୍ଧବୃଦ୍ଧାମାନେ ଏମାନଙ୍କର ସହଜ ଶିକାର ହେଉଛନ୍ତି। ଲୋକଙ୍କ ଘର ଭିତରକୁ ପଶି ଖାଦ୍ୟ ସାମଗ୍ରୀ ନଷ୍ଟ କରିବା ସହ ଆସବାବପତ୍ର ମଧ ଭାଙ୍ଗି ଦେଉଥିବା ଅଭିଯୋଗ ହୋଇଛି। ଏହି ଉପଦ୍ରବ ଯୋଗୁଁ ବିଦ୍ୟାଳୟ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀମାନେ ସବୁଠାରୁ ବେଶୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହାତରେ ବହି ବସ୍ତାନି କିମ୍ବା ଟିଫିନ ବ୍ୟାଗ୍ ଦେଖିଲେ ମାଙ୍କଡ଼ମାନେ ଆକ୍ରମଣ କରୁଥିବାରୁ ପିଲାମାନେ ଏକୁଟିଆ ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ଅଭିଭାବକମାନେ ବାଧ ହୋଇ ପିଲାଙ୍କୁ ଛାଡ଼ିବାକୁ ଯାଉଛନ୍ତି। ସେହିପରି ବଜାରକୁ ଯାଉଥିବା ପଥଚାରୀମାନେ ମଧ ହାତରେ ବାଡ଼ି ନ ଧରି ଗଳିକନ୍ଦିରେ ଯାତାୟାତ କରିପାରୁ ନାହାନ୍ତି। ପ୍ରାତଃ ଭ୍ରମଣ କରୁଥିବା ବ୍ୟକ୍ତିମାନେ ବହୁ ଅସୁବିଧା ଓ ଭୟରେ ଯାତାୟାତ କରୁଛନ୍ତି। ମାଙ୍କଡ଼ଙ୍କ ଏଭଳି ଉପଦ୍ରବକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ବନ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନଥିବା ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ବନ ବିଭାଗ ପକ୍ଷରୁ ମାଙ୍କଡ଼ ଧରାଳି ଦଳ ପଠାଯାଇ ସେମାନଙ୍କୁ ଜନବସତିରୁ ଦୂରେଇ ନିଆଯାଉ। ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ସରକାରୀ ସ୍ତରରେ ଚିକିତ୍ସା ସହାୟତା ପ୍ରଦାନ କରାଯାଉ। ବିଦ୍ୟାଳୟ ପରିସର ଓ ଗଳିକନ୍ଦିରେ ସୁରକ୍ଷା ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଉ ବୋଲି ଦାବି କରାଯାଉଛି। ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ କରାନଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜପଥ ଅବରୋଧ ଭଳି ଚରମ ପଦକ୍ଷେପ ନେବାକୁ ଚେତାବନୀ ଦେଇଛନ୍ତି।



### ଏମାନେ କୁହନ୍ତି...



ବନବିଭାଗ ଅଫିସରମାନଙ୍କୁ ଅନୁରୋଧ ଆମ ଅଞ୍ଚଳର ସୁରକ୍ଷା ଦୃଷ୍ଟିରୁ ହନୁମାଙ୍କଡ ଏବଂ ପାତି ମାଙ୍କଡମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉ। କାରଣ ମାଙ୍କଡମାନଙ୍କ ଆକ୍ରମଣରେ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଅଭିଭାବକ ମାନେ ସ୍କୁଲ କଲେଜ ଏବଂ ଟୁସନ ଏକାକୀ ଛାଡ଼ିବାକୁ ଭୟ କରୁଛନ୍ତି। ସକାଳୁ ଆଉ ସନ୍ଧ୍ୟାରେ ମନ୍ଦିର ଯିବାକୁ ବୟସ୍କ ଲୋକମାନେ ଭୟ କରୁଛନ୍ତି। ଏବେ କିଛିଦିନ ହେଲା ମାଙ୍କଡ ମାନଙ୍କର ଆକ୍ରମଣ ରେ ବହୁତ୍ ଲୋକ ଶିକାର ହେଲେଣି।

-ବଳରାମ ବାରିକ, ଯୁବ ବ୍ୟବସାୟୀ



ସକାଳ ପାଇଲେ ଦୋକାନରେ ପଶି ମାଙ୍କଡ଼ ପନିପରିବା, ଫଳମୂଳ ଖାଇ ନଷ୍ଟ କରୁଛନ୍ତି। ସେମାନେ ଦଳ ଦଳ ହୋଇ ଏବେ ଦୋକାନ ପାଖ ଛାଡ଼ି ଯାଉନଥିବାରୁ ଆମକୁ ଚିନ୍ତା ହୋଇଗଲାଣି।

-ବିଜୟ କୁମାର ସେନାପତି



ନିରାକାରପୁର ଅଞ୍ଚଳରେ ଏବେ ମାଙ୍କଡଙ୍କ ଉତ୍ପାତ ବଢ଼ି ଚାଲିଛି। ଲୋକଙ୍କ ଘରେ ପଶି ଖାଦ୍ୟ ଖାଇବା ସହିତ ଡିଆଁ ଡେଇଁ କରି ଗଛପତ୍ର ଭାଙ୍ଗୁଛନ୍ତି। ତା ସଂଗେ ସଂଗେ ଗୋଡେଇ ଆସି କାମୁଡି ଦେଉଛନ୍ତି। ଏହି ଅଞ୍ଚଳରେ ପ୍ରାୟ ୨୦ରୁ ଅଧିକ ବ୍ୟକ୍ତିଙ୍କୁ ମାଙ୍କଡ କାମୁଡି ଥିବାର ଦେଖାଦେଇଛି। ତୁରନ୍ତ ବିଭାଗୀୟ ଅଧିକାରୀ ପଦକ୍ଷେପ ଗ୍ରହଣ କରି ମାଙ୍କଡଙ୍କୁ ସ୍ଥାନାନ୍ତରିତ କରିବା ଆବଶ୍ୟକ ହୋଇ ପଡ଼ିଛି।

-ସ୍ୱାଗତିକା ପାହାଡସିଂହ, ସାମ୍ବାଦିକା



ଆଗରୁ ଏ ସମ୍ପର୍କରେ ଖବର ପାଇ କାମୁଡି ଥିବା ମାଙ୍କଡକୁ ଟ୍ରାଙ୍କୁଲାଇଜର କରିବା ପାଇଁ ବନ କର୍ମଚାରୀ ଯାଇଥିଲେ ବି ମାଙ୍କଡକୁ ପାଇ ନ ଥିଲେ। ଏବେ ମାଙ୍କଡଙ୍କ ଉପଦ୍ରବ ଅଭିଯୋଗ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ କୌଣସି ବ୍ୟବସ୍ଥା କରିବାକୁ ଉଦ୍ୟମ କରିବୁ।

-ଦେବାଶିଷ ଭୋଇ, ଏସିଏଫ୍ ତଥା ରେଞ୍ଜର, ଟାଙ୍ଗୀ

